52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ସର୍ବ ପୁରାତନ ଦୈନିକ ଖବର କାଗଜ
ପ୍ରତିଷ୍ଠାତା: ଶଶିଭୂଷଣ ରଥ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

| RNI NO-42004/83 | Vol. : 45/ Issue : 170 | Brahmapur | Friday 31 July 2026 | ବର୍ଷ: ୪୫/ ଅଙ୍କ: ୧୭୦ | ଶୁକ୍ରବାର ୩୧ ଜୁଲାଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦ |
|---|---|---|---|---|---|---|---|---|

## ଉତ୍ତର ଓଡ଼ିଶାରେ କମୁଛି ଜଳସ୍ତର

# ଫୁଲୁଛି ମହାନଦୀ

## ଆକାଶ ମାର୍ଗରୁ ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟା ସମୀକ୍ଷା

## ଆଗାମୀ ୨୪ ଘଣ୍ଟା ବିପଦପୂର୍ଣ୍ଣ ରହିବ

## ଚାରି ଜିଲ୍ଲାକୁ ଆଲର୍ଟ





ଭୁବନେଶ୍ୱର ୩୦।୭: ସାଳନ୍ଦୀ, ବୈତରଣୀ ଓ ଜଳକା ପରେ ଏବେ ମହାନଦୀରେ ଆସିବାକୁ ଯାଉଛି ମଧ୍ୟମ ଧରଣର ବନ୍ୟା। ମୁଣ୍ଡଳୀ ନିକଟରେ ୮ ଲକ୍ଷ ୨୮ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ମହାନଦୀର ବିଭିନ୍ନ ଶାଖା ନଦୀରେ ବନ୍ୟାଜଳ ପ୍ରବେଶ କରିବା ଆରମ୍ଭ ହୋଇଛି। ଏହାର ପ୍ରଭାବରେ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଟକର ବାଙ୍କୀ ଅଞ୍ଚଳ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବେଳେ ଅଭିଜ୍ଞ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବନ୍ୟା ସ୍ଥିତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ। ସେ କହିଛନ୍ତି ଯେ–ଆମର ଫୋକସ ମହାନଦୀ ଉପରେ। ହୀରାକୁଦରେ ୨ଟି ଗେଟ ଖୋଲିଛି। ୬୨୦ ଫୁଟ୍ ଜଳ ସ୍ତର ରହିଛି। ସେହିପରି ୮ ଲକ୍ଷ ୨୮ ହଜାର କ୍ୟୁସେକ୍ ଜଳ ମୁଣ୍ଡଳୀରେ ପ୍ରବାହିତ ହେଉଛି। ସାଳନ୍ଦୀ, ବୈତରଣୀ ଓ ଜଳକା ବନ୍ୟା ପରେ ମହାନଦୀରେ ବନ୍ୟା ଆସିବାକୁ ଯାଉଛି। ଏଥିପାଇଁ ଆମେ ପ୍ରସ୍ତୁତ। ମହାନଦୀର ଶାଖା ନଦୀରେ ବନ୍ୟା ଆସିବ।

ପୁରୀ, ଜଗତସିଂହପୁରର, କେନ୍ଦ୍ରାପଡା ପ୍ରଭାବିତ ହେବ। ଅଭିଜ୍ଞତା ଥିବା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଜଳବନ୍ଦୀ ସମସ୍ୟା ଆସିବ। ୨୪ ଘଣ୍ଟା ପାଇଁ ବନ୍ୟା ପରିସ୍ଥିତି ରହିବ। ହୀରାକୁଦ ଜଳସ୍ତର ବଢୁଛି। ତଳେ ବନ୍ୟା ଥିବାରୁ ଗେଟ ଖୋଲାଯାଇ ନାହିଁ। କିନ୍ତୁ ଆଉ ଦୁଇ ଫୁଟ୍ ଅର୍ଥାତ୍ ୬୨୨ ଫୁଟ୍ ଜଳସ୍ତର ଆମେ ରଖିପାରିବୁ। ଏହାପରେ ଖଇରମାଳ ପାଣି କମିବା ପରେ ଆମେ ହୀରାକୁଦ ଗେଟ ଖୋଲିବୁ।

ସେହିପରି ପୁରୀର କଣାସ, ଡେଲାଙ୍ଗ, ବ୍ରହ୍ମଗିରି, ନିମାପଡ଼ା, ଅସ୍ତରଙ୍ଗ, ଗୋପ ଅଞ୍ଚଳ ପ୍ରଭାବିତ ହେବ। ଜଗତସିଂହପୁରର, କୁଜଙ୍ଗ, ତିର୍ତ୍ତୋଲ, ବାଲିକୁଦା, ଏରସମା ଅଞ୍ଚଳ କେନ୍ଦ୍ରାପଡାର ଗରଦପୁର, ଆଳି ବନ୍ୟା ଦ୍ୱାରା ପ୍ରଭାବିତ ହେବ। ବାଙ୍କୀ ବି ପ୍ରଭାବିତ ହେବ। ପୂର୍ଣ୍ଣମା ପର ଦିନ ଥିବାରୁ ସମୁଦ୍ର ଜଳ ଟାଣିବାରେ ବିଳମ୍ବ ହେଉଛି। ପାଣି ନିଷ୍କାସନ ପାଇଁ ଦିନେ ଦୁଇ ଦିନ ଲାଗିବ।

ସେହିପରି ଗୁରୁବାର ଆକାଶମାର୍ଗରୁ ହେଲିକପ୍ଟର ଯୋଗେ ବନ୍ୟା ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଯାଜପୁର, ଭଦ୍ରକ, ବାଲେଶ୍ବର ଏବଂ କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ଏବଂ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରି ବିସ୍ତୃତ ସମୀକ୍ଷା କରିଛନ୍ତି ରାଜସ୍ବ ମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ରାଜେଶ ପ୍ରଭାକର ପାଟିଲ୍ ମଧ୍ୟ ଉପସ୍ଥିତ ରହି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । ଗୁରୁବାର ପୂର୍ବାହ୍ନରେ ବନ୍ୟାଞ୍ଚଳ ଗସ୍ତ ପୂର୍ବରୁ ଲୋକସେବା ଭବନ ଠାରେ ବର୍ଷା ଏବଂ ବନ୍ୟା ପରିସ୍ଥିତି ସମ୍ପର୍କରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ ସମୀକ୍ଷା ପରେ ମନ୍ତ୍ରୀ ସୂଚନା ଦେଇଥିଲେ ଯେ, ବନ୍ୟାରେ ୫ ଜିଲ୍ଲାର ୫ ଲକ୍ଷ ୮୭ ହଜାର ୮୨୨ ଲୋକ ପ୍ରଭାବିତ । ୧ ଲକ୍ଷ ୭୬ ହଜାର ୭୩ ଜଣ ଲୋକ ସ୍ଥାନାନ୍ତର । ୩ ଜଣଙ୍କର ମୃତ୍ୟୁ ନେଇ ସୂଚନା ଦେଲେ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ । ମହାନଦୀ ପାଇଁ କଟକ ଏବଂ ଜଗତସିଂହପୁରରେ ବ୍ୟାପକ ପ୍ରସ୍ତୁତି ହୋଇଛି । ରାଜ୍ୟରେ ବର୍ତ୍ତମାନ ବର୍ଷା କମିଛି । ନବରଙ୍ଗପୁର, କୋରାପୁଟ, ବଲାଙ୍ଗିର, କଳାହାଣ୍ଡିରେ ଝିପି ଝିପି ବର୍ଷା ହେଉଛି । ଆଗାମୀ ୩ ଦିନ ବର୍ଷା ନାହିଁ । ୨ ତାରିଖ ପରେ ପୁନର୍ବାର ବର୍ଷା ଆକଳନ କରାଯାଉଛି । ଛତିଶଗଡ଼ ଉପରମୁଣ୍ଡରେ ବର୍ଷା ନହେବା ଆଶ୍ୱସ୍ତିକର ଖବର । ବର୍ତ୍ତମାନ ହୀରାକୁଦରେ ଜଳସ୍ତର ୬୨୦ ଫୁଟ ରହିଛି । ୨ଟି ଗେଟ୍ ଖୋଲା ଅଛି । ମୁଣ୍ଡଳୀରେ ସାଢ଼େ ୬ ଲକ୍ଷ କ୍ୟୁସେକ ଜଳ ପହଞ୍ଚିଥିଲା । ରାତି ସୁଦ୍ଧା ନରାଜରେ ୯ ଲକ୍ଷ କ୍ୟୁସେକ ଜଳ ପହଞ୍ଚିବ । କଟକର ବଡ଼ମ୍ବା, ଆଠଗଡ ତଳିଆ ଅଞ୍ଚଳରେରେ ଜଳ ପହଞ୍ଚିଲାଣି । ସେଣ୍ଟ୍ରାଲ ୱାଟର କମିଶନ ନିକଟରୁ ରିପୋର୍ଟ ଅନୁସାରେ ମଣ୍ଡଳୀରେ ଜଳସ୍ତର ୱାର୍ଣ୍ଣିଂ ଲେଭଲ ଉପରେ ଅଛି କିନ୍ତୁ ବିପଦ ସଙ୍କେତ ଟପିନି । ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମିବା ଆରମ୍ଭ କଲାଣି । ୫ ଜିଲ୍ଲାରେ ୬ ଲକ୍ଷ ଲୋକ ପ୍ରଭାବିତ ।

ଭଦ୍ରକ, ବାଲେଶ୍ୱର ଓ ଯାଜପୁରରେ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା କିଛି ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ମୋଟ୍ ୧ ଲକ୍ଷ ୬୫ ହଜାର ଲୋକ ରିଲିଫ୍ ସେଣ୍ଟରରେ ରହିଛନ୍ତି । ନରାଜରେ ୧୦ ଲକ୍ଷ କ୍ୟୁସେକ ଜଳ ଆସିଲେ ସମସ୍ୟା ଉପୁଜିପାରେ । ତେଣୁ ନରାଜରେ କିଭଳି ୧୦ ଲକ୍ଷ କ୍ୟୁସେକ ଜଳ ଭିତରେ ରଖାଯାଇ ପାରିବ ସେହି ଅନୁସାରେ ପରିଚାଳନା ପାଇଁ ନିର୍ଦ୍ଦେଶ ରହିଛି । ବର୍ତ୍ତମାନ ହୀରାକୁଦରେ ୬୨୦ ଫୁଟ ଜଳସ୍ତର ରହିଛି । ୬୨୨ ଫୁଟ ପର୍ଯ୍ୟନ୍ତ ରଖାଯାଇ ପାରିବ । ଉପରମୁଣ୍ଡରେ ବର୍ଷା ନଥିବାରୁ ସେଭଳି କିଛି ସମସ୍ୟା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି ।

## 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ ଫିଲ୍ମ ମାମଲା

# ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୩୦।୭: ସୁପ୍ରିମକୋର୍ଟ ବୁଧବାର ଓଡିଶା ସରକାରଙ୍କ ସେହି ଆବେଦନକୁ ଖାରଜ କରିଦେଇଛନ୍ତି ଯେଉଁଥିରେ 'ମହାପ୍ରଭୁ ଜଗନ୍ନାଥ' ନାମକ ଏକ ଆନିମେଟେଡ ଫିଲ୍ମର ରିଲିଜ ନିମନ୍ତେ ପୂର୍ବରୁ ଦିଆଯାଇଥିବା ଆଦେଶରେ ସଂଶୋଧନ ଦାବି କରାଯାଇଥିଲା। କୋର୍ଟ କହିଛନ୍ତି ଯେ ରଚନାତ୍ମକତା, କଳା ଓ ସଂସ୍କୃତିକୁ କେବଳ ଏଥି ପାଇଁ ସୀମିତ କରାଯାଇ ପାରିବନି କାରଣ କିଛି ଲୋକେ ଦେବୀ ଦେବତାଙ୍କ ଲାଗି ସମ୍ବେଦନଶୀଳ। ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଜଷ୍ଟିସ୍ ଆର.ମହାଦେବନଙ୍କ ପୀଠ ଓଡିଶାରେ ରଥଯାତ୍ରା ଉତ୍ସବ ପରେ ଫିଲ୍ମକୁ ମୁକ୍ତିଲାଭ ଅନୁମତି ଦେଇଥିବା ନିଜର ପୂର୍ବ ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଆନିମେସନ ପିଲାଙ୍କୁ ସଲଗ୍ନ କରିବା ପାଇଁ ରଚନାତ୍ମକତାର ଏକ ରୂପ। ଜଷ୍ଟିସ୍ ନାଗରତ୍ନା କହିଛନ୍ତି ଯେ 'ଯଦି ଏପରି ସମ୍ବେଦନଶୀଳତା ଜାରି ରହେ ଓ ଲୋକେ ଆବେଦନ ପରେ ଆବେଦନ ରୁଜୁ କରିବେ ତେବେ ଆମେ ହିନ୍ଦୁ ଦେବୀଦେବତାଙ୍କ ସମ୍ପର୍କରେ ଆଦେଶ ଗୃହୀତ କରିବାକୁ ପଡିବ ଯେ ରଚନାତ୍ମକତା ଆଉ ରହିବ ନାହିଁ। ଟେଲିଭିଜନରେ ରାମାୟାଣ ବନ୍ଦ ହୋଇଯିବ ଓ ଦେବୀ ଦେବତାଙ୍କ ଉପରେ କୌଣସି ପ୍ରକାରର କଳା ସୃଜନ ହୋଇ ପାରିବନି। ବିଚାରପତି କହିଛନ୍ତି ଯେ ଦେବତାଙ୍କ ସମ୍ପର୍କିତ କାହାଣୀ ପିଢୀ ପରେ ପିଢୀ ବିଭିନ୍ନ ରୂପେ ଶୁଣାଯାଇ ଆସୁଛି ଓ ଆନିମେସନ ପିଲାଙ୍କ ଲାଗି ତିଆରି ହୋଇଛି। ଏଥିର ଓଡିଶା ସରକାରଙ୍କ ପକ୍ଷରୁ କୋର୍ଟରେ ଉପସ୍ଥିତ ବରିଷ୍ଠ ଓକିଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ଫିଲ୍ମକୁ ଦିଆଯାଇଥିବା ପ୍ରମାଣପତ୍ର ସମ୍ବନ୍ଧିତ ଆଇନ ସଂଶୋଧନ ଯୋଗ୍ୟ। ଏହା ଛଡା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ଓଡିଶା ସରକାର ସମୀକ୍ଷା ଦାବି କରିଛନ୍ତି। ଆଚାର୍ଯ୍ୟ କୋର୍ଟଙ୍କୁ ସୂଚିତ କରିଛନ୍ତି ଯେ ଧାର୍ମିକ ନେତା, ମନ୍ଦିର ପ୍ରତିନିଧି, ସରକାରୀ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞଙ୍କ ନିମନ୍ତେ ଫିଲ୍ମର ବିଶେଷ ସ୍କ୍ରିନିଂ ଆୟୋଜନ କରାଯାଇଥିଲା। ତେବେ ଶ୍ରୀ ଜଗନ୍ନାଥଙ୍କ ଆନିମେଟେଡ ଚିତ୍ରଣ ଓ ଧାର୍ମିକ ଗ୍ରନ୍ଥ ସହିତ ଏହାର ଅସଙ୍ଗତିକୁ ନେଇ ଆପତ୍ତି କରାଯାଇଥିଲା। ଆଚାର୍ଯ୍ୟ କହିଛନ୍ତି ଯେ ଆମେ ଫିଲ୍ମ ମୁକ୍ତି ଲାଭକୁ ବିରୋଧ କରୁ ନାହୁଁ। ତେବେ ସରକାରଙ୍କୁ ତାଙ୍କର ସଂଶୋଧନାତ୍ମକ ଅଧିକାର ଅନୁସାରେ ସ୍ୱାଧୀନ ରୂପେ ବିଚାର କରିବାକୁ ଦିଆଯାଉ। ହେଲେ ଜଷ୍ଟିସ୍ ନାଗରତ୍ନା କହିଛନ୍ତି ଯେ କୋର୍ଟ କଳାତ୍ମକ ବିକଳ୍ପ ଉପରେ ନିଷ୍ପତ୍ତି ନେଇ ପାରିବେ ନାହିଁ। ତେବେ ଆମେ ଏକ ଆଦେଶ ଗୃହୀତ କରିଛୁ , ଯଦି କିଛି ସମ୍ବେଦନଶୀଳତା ପ୍ରଭାବିତ ହେଉଛି ତେବେ ଏହାର ନିର୍ଦ୍ଦେଶକ ନିଷ୍ପତ୍ତି ନେବେ, କୋର୍ଟ ନୁହନ୍ତି। ଅପରପଟେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଅଧିବକ୍ତା ଦେବଦତ୍ତ କାମତ କହିଛନ୍ତି ଯେ ଫିଲ୍ମରେ କିଛି ବି ଅପମାନଜନକ ନାହିଁ। ସେ ମନ୍ଦିର କମିଟି ବୈଠକ ମିନିଟ୍ ର ମଧ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ଆନିମେଟେଡ ଫିଲ୍ମକୁ ପ୍ରଶଂସନୀୟ ଉଦ୍ୟମ ବୋଲି କୁହାଯାଇଛି। ଏଥିରେ ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ଆର. ମହାଦେବନ ପରାମର୍ଶ ଦେଇ କହିଛନ୍ତି ଯଦି କୌଣସି ଚିନ୍ତା ରହେ ତେବେ ଏଥିରେ ସୁଧାର ପାଇଁ ଫିଲ୍ମ ନିର୍ମାତା ବିଚାର କରିପାରିବେ। ଜଷ୍ଟିସ୍ ନାଗରତ୍ନା ଫିଲ୍ମ ନିର୍ମାତାଙ୍କୁ କହିଛନ୍ତି ଯେ ଯଦି ତାଙ୍କ ଅନ୍ତରାତ୍ମାକ ଫିଲ୍ମର କୌଣସି ଅଂଶକୁ ହଟାଇବାକୁ ପରାମର୍ଶ ଦିଏ ତେବେ ସେ ସ୍ୱେଚ୍ଛାରେ ଏପରି କରିପାରନ୍ତି। ତେବେ ପୀଠ କହିଛନ୍ତି ଯେ 'ଆଦେଶ ସଂଶୋଧନ ପାଇଁ ଆମ୍ଭେ ଇଚ୍ଛୁକ ନୁହଁ' ଏବଂ ଓଡିଶା ସରକାରଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

## ମହାନଦୀ ଜଳ ବିବାଦ

# ଦୀପାବଳି ସୁଦ୍ଧା ସମାଧାନ ଲକ୍ଷ୍ୟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୩୦।୭: ମହାନଦୀ ଜଳ ବଣ୍ଟନ ଓ ପରିଚାଳନାକୁ ନେଇ ଦୀର୍ଘ ଦିନରୁ ଚାଲିଆସୁଥିବା ବିବାଦର ସ୍ଥାୟୀ ସମାଧାନ ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆସନ୍ତା ଦୀପାବଳି ସୁଦ୍ଧା ଏହି ମହାନଦୀ ସମସ୍ୟାର ସନ୍ତୋଷଜନକ ସମାଧାନ ହେବା ନେଇ ଆଶା ସୃଷ୍ଟି ହୋଇଛି।ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି । ଆ । ପାଟିଲଙ୍କ ଅଧକ୍ଷତା ଏବଂ କେନ୍ଦ୍ର ଜଳଶକ୍ତି ରାଜ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ପ୍ରଥମ ଥର ପାଇଁ ମୁହାଁମୁହିଁ ବସି ପ୍ରାୟ ୧ ଘଣ୍ଟା ଧରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି।

ଏହି ଚର୍ଚ୍ଚା ବେଳେ ଓଡ଼ିଶାର ସ୍ୱାର୍ଥ, ରାଜ୍ୟର ଜଳସମ୍ପଦ ସୁରକ୍ଷା ଏବଂ ଚାଷୀକୁଳଙ୍କ ଭବିଷ୍ୟତକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ପକ୍ଷ ଦୃଢ଼ତାର ସହ ଉପସ୍ଥାପନ କରିଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପାରସ୍ପରିକ ସହଯୋଗ ଓ ଆପୋଷ ଆଲୋଚନା ଜରିଆରେ ଏହି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଦୁଇ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏହି ବିବାଦର ସମାଧାନ ପାଇଁ ଆଗାମୀ ୩ ମାସ ପର୍ଯ୍ୟନ୍ତ କେନ୍ଦ୍ର ଜଳଶକ୍ତି ବିଭାଗ, କେନ୍ଦ୍ରୀୟ ଜଳ ଆୟୋଗ ଏବଂ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ କ୍ରମାଗତ ଭାବେ ଆଲୋଚନା ଜାରି ରହିବ। ନଦୀଜଳର ସଠିକ୍ ବଣ୍ଟନ ଏବଂ ସୁରକ୍ଷା ଉପରେ ବୈଷୟିକ ସ୍ତରରେ ତଥ୍ୟ ଆଧାରିତ ସମାଧାନ ଖୋଜାଯିବ। ଦୀର୍ଘ ଦିନର ବିବାଦ ପରେ ଛତିଶଗଡ଼ ସରକାର ମଧ୍ୟ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ରାଜି ହୋଇଛନ୍ତି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ଯେ, ଆସନ୍ତା ଦୀପାବଳି ପୂର୍ବରୁ ହିଁ ମହାନଦୀ ଜଳ ସଂକ୍ରାନ୍ତୀୟ ସମସ୍ତ ବିବାଦର ସମାଧାନ ହୋଇସାରିଥିବ। ଉଭୟ ରାଜ୍ୟ ମିଳିମିଶି ଏହି ସମସ୍ୟାର ଅନ୍ତ ଘଟାଇବା ସହ ଆନନ୍ଦର ସହ ଆଗାମୀ ଦୀପାବଳି ପାଳନ କରିବେ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏପରି ହେଲେ ଦୀର୍ଘ ସମୟ ଧରି ମହାନଦୀ ଜଳ ବିବାଦର ସମାଧାନ ଘଟିବ।

# ପାଇଖାନା ଟାଙ୍କିରେ ପଡ଼ି ଭାଇ– ଭଉଣୀଙ୍କ ଜୀବନ ଗଲା

କୋଇଡ଼ା,୩୦।୭: ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଡ଼ି ଦୁଇ ନାବାଳକ ଭାଇ– ଭଉଣୀଙ୍କ ଅକାଳ ମୃତ୍ୟୁ। ଏଭଳି ଏକ ଅତ୍ୟନ୍ତ ହୃଦୟବିଦାରକ ଓ ଅଭାବନୀୟ ଘଟଣା ଘଟଣା ଘଟିଛି କୋଇଡ଼ା ଥାନା ଅନ୍ତର୍ଗତ କାଦଡିହା ଗ୍ରାମରେ।

ମୃତ ଦୁଇ ଶିଶୁ ହେଲେ ଗ୍ରାମର ଶମ୍ଭୁ ଭୂମିଜଙ୍କ ୫ ବର୍ଷର ଝିଅ ପ୍ରିୟା ଭୂମିଜ ଓ ୩ ବର୍ଷର ପୁଅ ମନୋଜ ଭୂମିଜ। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସକାଳେ ପ୍ରିୟା ଓ ମନୋଜ ଘର ନିକଟରେ ଥିବା ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ। ସେହି ପଡ଼ିଆ ନିକଟରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୃହ ନିର୍ମାଣ ଜାରି ରହିଛି। ଏମିତିରେ ସେଠାରେ ନିର୍ମାଣାଧୀନ ପାଇଖାନା ଟାଙ୍କିଟି ବର୍ଷା ଜଳରେ ସମ୍ପୂର୍ଣ୍ଣ ଭର୍ତ୍ତି ହୋଇ ରହିଥିଲା। ଆଉ ଦୁର୍ଭାଗ୍ୟବଶତଃ ଦୁଇ ଶିଶୁ ସେହି ଟାଙ୍କି ନିକଟକୁ ଯାଇଥିବା ବେଳେ ଗୋଡ଼ ଖସି ପାଣି ଭିତରକୁ ଖସିପଡ଼ିଥିଲେ।ତେବେ କିଛି ସମୟ ପରେ ଦୁଇ ଶିଶୁ ପାଣିରେ ବୁଡ଼ି ଯାଉଥିବା ନେଇ ପରିବାର ଲୋକ ଓ ସ୍ଥାନୀୟ ଗ୍ରାମବାସୀ ଖବର ପାଇଥିଲେ। ସଙ୍ଗେ ସଙ୍ଗେ ଗ୍ରାମବାସୀମାନେ ଘଟଣାସ୍ଥଳକୁ ଦୌଡ଼ିଆସି ଦୁହିଁଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ତୁରନ୍ତ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଗୋଟିଏ ପରିବାରର ଦୁଇ ଦୁଇଟି କୋମଳମତି ଶିଶୁଙ୍କର ଏଭଳି ଦୁଃଖଦ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ଲୋକଙ୍କ ଆଖିରୁ ଲୁହ ଶୁଖୁନଥିବା ବେଳେ ଗ୍ରାମବାସୀମାନେ ସ୍ତବ୍ଧ ହୋଇପଡ଼ିଛନ୍ତି।

## 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ -ଟ୍ରାନ୍ସଫର୍ଡ ରୋଡ୍ ଇମ୍ପ୍ରୁଭମେଣ୍ଟ ପ୍ରୋଗ୍ରାମ୍‌କୁ ସବୁଜ ସଙ୍କେତ

# ଗାଁ ସଡ଼କର ଚିତ୍ର ବଦଳିବ

ଭୁବନେଶ୍ୱର, ୩୦/୦୭: ଓଡ଼ିଶାର ଗ୍ରାମାଞ୍ଚଳର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ନୂଆ ରୂପ ଦେବା ପାଇଁ ରାଜ୍ୟ ସରକାର ଏକ ବୃହତ୍ ପଦକ୍ଷେପ ନେଇଛନ୍ତି । 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ଟ୍ରାନ୍ସଫର୍ଡ ରୋଡ୍ ଇମ୍ପ୍ରୁଭମେଣ୍ଟ ପ୍ରୋଗ୍ରାମ୍' ପାଇଁ ନୂତନ ନିର୍ଦ୍ଦେଶାବଳୀକୁ ଅନୁମୋଦନ ମିଳିବା ପରେ ଆସନ୍ତା ଚାରି ବର୍ଷ ମଧ୍ୟରେ ଗ୍ରାମୀଣ ସଡ଼କର ଚିତ୍ର ବଦଳିବାକୁ ଯାଉଛି। ଏହି ଯୋଜନା ଅଧୀନରେ ୫,୩୬୫ କୋଟି ଟଙ୍କା ବ୍ୟୟରେ ରାଜ୍ୟର ୨୩,୭୦୫ କିଲୋମିଟର ହସ୍ତାନ୍ତରିତ ସଡ଼କର ଉନ୍ନତି କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜାରି ସଂକଳ୍ପ ଅନୁଯାୟୀ, ୨୦୨୬-୨୭ରୁ ୨୦୨୯-୩୦ ମଧ୍ୟରେ ପଞ୍ଚାୟତିରାଜ ଓ ଅନ୍ୟାନ୍ୟ ବିଭାଗରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତରିତ ସଡ଼କଗୁଡ଼ିକର ଆଧୁନିକୀକରଣ କରାଯିବ। ଦୀର୍ଘଦିନ ଧରି ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଥିବା ଏହି ସଡ଼କଗୁଡ଼ିକୁ ଏବେ ନୂଆ ମାନକ ଅନୁଯାୟୀ ପୁନଃନିର୍ମାଣ କରାଯିବ। ଯୋଜନାର ପ୍ରମୁଖ ଲକ୍ଷ୍ୟ କେବଳ ରାସ୍ତା ତିଆରି କରିବା ନୁହେଁ, ବରଂ ଗ୍ରାମାଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବାଣିଜ୍ୟ ଓ ପରିବହନ ବ୍ୟବସ୍ଥାକୁ ଅଧିକ ସୁଗମ କରିବା।

ସେଥିପାଇଁ ହସ୍ପିଟାଲ, ସ୍କୁଲ, କଲେଜ, ପଞ୍ଚାୟତ କାର୍ଯ୍ୟାଳୟ, ସରକାରୀ ଅଫିସ, ବଜାର, ପର୍ଯ୍ୟଟନସ୍ଥଳ ଓ ଗୁରୁତ୍ୱପୂର୍ଣ୍ଣ ଜନସେବା କେନ୍ଦ୍ରକୁ ସଂଯୋଗ କରୁଥିବା ସଡ଼କକୁ ସର୍ବାଧିକ ପ୍ରାଥମିକତା ଦିଆଯିବ। ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ସଡ଼କଗୁଡ଼ିକୁ ବିଟୁମିନ୍ କିମ୍ବା ସିମେଣ୍ଟ କଂକ୍ରିଟ୍ (ସିସି) ମାନରେ ନିର୍ମାଣ କରାଯିବ। ଯାନବାହନ ଚଳାଚଳ ପାଇଁ ସଡ଼କର ପ୍ରସ୍ଥ ୩.୭୫ ମିଟର ରହିବା ସହ ସମୁଦାୟ ପ୍ରସ୍ଥ ୬ରୁ ୭.୫ ମିଟର ମଧ୍ୟରେ ରଖାଯିବ। ଜମିର ଉପଲବ୍ଧତା, ଟ୍ରାଫିକ୍ ଚାପ ଓ ଭୌଗୋଳିକ ସ୍ଥିତିକୁ ଆଧାର କରି ଏହା ନିର୍ଦ୍ଧାରଣ ହେବ। ଯୋଜନାରେ ପ୍ରତ୍ୟେକ ପ୍ରକଳ୍ପ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋଟ ପ୍ରସ୍ତୁତ କରିବା ପୂର୍ବରୁ ସ୍ଥଳ ପରିଦର୍ଶନକୁ ବାଧ୍ୟତାମୂଳକ କରାଯାଇଛି। ଡିପିଆର୍‌ରେ ଡ୍ରେନେଜ୍ ବ୍ୟବସ୍ଥା, କଲଭର୍ଟ, କ୍ରସ୍ ଡ୍ରେନ୍, ବିଦ୍ୟୁତ୍ ଖୁଣ୍ଟି ସ୍ଥାନାନ୍ତର, ବନ ଅନୁମତି, ସଡ଼କ ସୁରକ୍ଷା ବ୍ୟବସ୍ଥା ଓ ସଡ଼କ ନିକଟବର୍ତ୍ତୀ ସ୍କୁଲ, ହସ୍ପିଟାଲ ଓ ବଜାର ସଂଯୋଗ ଭଳି ସମସ୍ତ ବିଷୟକୁ ସାମିଲ କରିବାକୁ କୁହାଯାଇଛି। ପ୍ରକଳ୍ପ ଚୟନ ପ୍ରକ୍ରିୟାକୁ ମଧ୍ୟ ଅଧିକ ସ୍ୱଚ୍ଛ କରାଯାଇଛି। ପ୍ରଥମେ ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ ପ୍ରକଳ୍ପ ଚିହ୍ନଟ କରିବେ। ପରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଯାଞ୍ଚ ଓ ସୁପାରିସ ପରେ ସରକାରୀ ଅନୁମୋଦନ ମିଳିବ। ସଡ଼କ ନିର୍ମାଣରେ ଗୁଣବତ୍ତାକୁ ସର୍ବାଧିକ ଗୁରୁତ୍ୱ ଦେଇ ଦୁଇସ୍ତରୀୟ ଗୁଣବତ୍ତା ଯାଞ୍ଚ ବ୍ୟବସ୍ଥା କରାଯାଇଛି। ପ୍ରଥମ ସ୍ତରରେ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟର ନିରୀକ୍ଷଣ କରିବେ। ଦ୍ୱିତୀୟ ସ୍ତରରେ ଅବସରପ୍ରାପ୍ତ ବରିଷ୍ଠ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଗୁଣବତ୍ତା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯିବ, ଯେଉଁମାନେ ପ୍ରତିମାସ ସଡ଼କ କାମର ସମୀକ୍ଷା କରି ରିପୋର୍ଟ ଦେବେ। ନିର୍ମାଣ ପରେ ୫ ବର୍ଷ ପର୍ଯ୍ୟନ୍ତ ସଡ଼କର ରକ୍ଷଣାବେକ୍ଷଣ ଠିକା ସଂସ୍ଥା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏହି ସମୟରେ ସଡ଼କରେ କୌଣସି ତ୍ରୁଟି ଦେଖାଦେଲେ ଠିକା ସଂସ୍ଥା ନିଜ ଖର୍ଚ୍ଚରେ ତାହାର ମରାମତି କରିବ। ଏହାଦ୍ୱାରା ନିର୍ମାଣ ପରେ ଖରାପ ଗୁଣବତ୍ତାକୁ ନେଇ ଉଠୁଥିବା ଅଭିଯୋଗ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ପରିବେଶ ସୁରକ୍ଷାକୁ ମଧ୍ୟ ଏହି ଯୋଜନାରେ ସ୍ଥାନ ଦିଆଯାଇଛି। ପ୍ରକଳ୍ପ ବ୍ୟୟର ୧ ପ୍ରତିଶତ ଅର୍ଥ ସଡ଼କ କଡ଼ରେ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ କରାଯିବ। ସମସ୍ତ କାର୍ଯ୍ୟ ଇ-ଟେଣ୍ଡରିଂ ମାଧ୍ୟମରେ ହେବ ଏବଂ ଅର୍ଥ ବ୍ୟୟ, ହିସାବ ଓ ଅଡିଟ୍ ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେବ।

ମହାଲେଖାପାଳ ମଧ୍ୟ ଏହାର ନିୟମିତ ଅଡିଟ୍ କରିବେ। ଗ୍ରାମ୍ୟ ଉନ୍ନୟନ ବିଭାଗର ମତରେ, ଗ୍ରାମୀଣ ସଡ଼କ କେବଳ ଗୋଟିଏ ଯାତାୟାତ ମାଧ୍ୟମ ନୁହେଁ ଏହା ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ। ଉନ୍ନତ ସଡ଼କ ହେଲେ କୃଷକ ସହଜରେ ବଜାରରେ ପହଞ୍ଚିପାରିବେ, ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ଯିବା ସୁବିଧାଜନକ ହେବ, ଜରୁରୀ ସ୍ୱାସ୍ଥ୍ୟସେବା ଦ୍ରୁତ ମିଳିବ ଏବଂ ଗ୍ରାମାଞ୍ଚଳରେ ଶିଳ୍ପ, ବାଣିଜ୍ୟ ଓ ପର୍ଯ୍ୟଟନର ବିକାଶକୁ ନୂଆ ଗତି ମିଳିବ।

# ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଦୁଇ ପର୍ଯ୍ୟଟକ ଗୁରୁତର

ମାଲକାନଗିରି, ୩୦।୭: ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ନକ୍ସଲ ଦ୍ବାରା ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୨ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ପର୍ଯ୍ୟଟକ ହୋଇଥିବା ବେଳେ ଆଉ ଜଣେ ଗ୍ରାମବାସୀ ବୋଲି ଜଣାପଡିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଗୋଟିଏ ଯୁବ ଗୋଷ୍ଠୀ ଗତକାଲି ନୀଲମ ସୋରେଇ ଜଳପ୍ରପାତ ବୁଲିବାକୁ ଯାଇଥିଲେ। ଜଳପ୍ରପାତର ଏକ କିଲୋମିଟର ପୂର୍ବରୁ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଫଳରେ ଦେବା ସୋଡି ନାମକ ଯୁବକ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ଆହତ ଦେବା ସୋଡୀକୁ ପ୍ରଥମେ ଉସୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରିବା ପରେ ବିଜାପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ନମ୍ବି ଜଂଗଲରେ ସ୍ଥାନୀୟ ଜଣେ ୧୫ ବର୍ଷର ବାଳକ ବିନୋଦ କଛମ ଗାଈ ଚରାଉଥିବା ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ବିନୋଦ ଗୁରୁତର ଆହତ ହେବା ପରେ ତୁରନ୍ତ ତାଙ୍କୁ ମେଡିକାଲ ନିଆଯାଇଥିଲା। ପ୍ରକାଶ ଥାଉକି କେରାଗୁଟ୍ଟା ଜଂଗଲରେ ଯବାନ ଅପରେସନ କରୁଥିବା ବେଳେ ନକ୍ସଲ ବିଭିନ୍ନ ସ୍ଥାନରେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ।ସୁରକ୍ଷାକର୍ମୀକୁ ଟାର୍ଗେଟ କରିବା ପାଇଁ ଏଭଳି ନକ୍ସଲ କରିଥିଲେ। ଏବେ ବି ଜଂଗଲରେ ପାଦ ପାଦକେ ଲ୍ୟାଣ୍ଡମାଇନ ଖଞ୍ଜାଯାଇଛି। ବିଜାପୁର ଏସପି ଉମେଶ ଗୁପ୍ତାଙ୍କ କହିବା ଅନୁଯାୟୀ ସୁକମାରୁ ଆସିଥିବା ଏହି ଯୁବଗୋଷ୍ଠୀ ପୁଲିସକୁ କୌଣସି ସୂଚନା ନଦେଇ ନୀଲମ ସରଇ ଜଳପ୍ରପାତକୁ ଯାଇଥିଲେ। ଏବେ ବି ସେହି ଅଂଚଳରେ ବହୁ ଲ୍ୟାଣ୍ଡମାଇନ ଖଞ୍ଜାଯାଇଛି। ଏହି ଘଟଣା ପରେ ସେହି ଅଂଚଳକୁ କେହି ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



# ମହୁରୁଣ୍ଡି ଆଡିବନ୍ଧ ଡେଇଁ ଶିବ ମନ୍ଦିରରେ ୪ ଫୁଟ ପାଣି



ଖପ୍ରାଖୋଲ ୩୦।୦୭ (ଆନିସ) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକରେ ୨ ଦିନ ହେଲା ଲଗାଣ ବର୍ଷାରେ ଲୋକଙ୍କ ଜିବନ ଅସ୍ତବ୍ୟସ୍ତ ହେଲାଣି । ଏପରି ଏକ ଦୃଶ୍ୟ ଦେଖିବାକୁ ମିଳୁଛି, ଗତ କାଲିଠୁ ଲଗାଣ ବର୍ଷା ହେତୁ ମହୁରୁଣ୍ଡି ଗ୍ରାମରେ ସର୍ବପୁରାତନ ଶିବ ମନ୍ଦିରରେ ମାତା ପାର୍ବତି ଓ ଦେବ ଦେବ ମହାଦେବ ପୂଜା ପାଇ ଆସୁଛନ୍ତି । କିନ୍ତୁ ଗତ କାଲିଠୁ ଲଗାଣ ବର୍ଷାରେ ମହୁରୁଣ୍ଡି ଗ୍ରାମର ବଡ ବନ୍ଧ ରେ ପାଣି ଭର୍ତ୍ତି ହେତୁ ଲଗାଣ ବର୍ଷାରେ ବଡ଼ ବନ୍ଧ ପୋଖରୀ ହିଡ଼ ଉପରେ ପାଣି ଯାଇ ନିକଟରେ ଥିବା ଶିବ ମନ୍ଦିର ଓ ପ୍ରହରି ମଣ୍ଡପ କୁ ୪ ଫୁଟ ଉଚ୍ଚ ୪୦ ଫୁଟ ଓଷାର ରେ ପାଣି ସୁଅ ଆସି ମନ୍ଦିରରେ କିଛି ପୂଜା ସାମଗ୍ରି ଧୋଇ ହୋଇ ଯିବା ସହ ପ୍ରହରି ମଣ୍ଡପ ର ଅନେକ ଜାଗାରେ ପାଣି ସୁଅରେ ମାଟି ଧୋଇ ହୋଇ ଯାଇଛି । ଏନେଇ ଖପ୍ରାଖୋଲ ତହସିଲଦାର ସତ୍ୟସୁନ୍ଦର ରାଉତ ରାଏ ଓ ଖପ୍ରାଖୋଲ ବିଡିଓଙ୍କୁ ଯୋଗାଯୋଗ କରି ଅବଗତ କରାଯିବାରୁ ସେ ପହଞ୍ଚି ମନ୍ଦିର ପରିସରକୁ ଅନୁଧ୍ୟାନ କରି ଆଡି ବନ୍ଧ ମରାମତି କରାଯାଇ ମନ୍ଦିର ମରାମତି ପାଇଁ ପାଣ୍ଠି ଯୋଗାଇ ଦେବା ପାଇଁ ପ୍ରଶାସନ କୁ ଅବଗତ କରାଯିବ ବୋଲି କହିଥିଲେ । ଗ୍ରାମର ଅନେକ ଭଦ୍ର ବ୍ୟକ୍ତିଙ୍କ କହିବା ଅନୁସାରେ, ଏପରି ବର୍ଷା ଆମ ଜିବନକାଳ ମଧ୍ୟରେ ଦେଖିନଥିଲୁ କିମ୍ବା ଆମ ଗ୍ରାମର ମନ୍ଦିର କୁ କେବେ ପାଣି ଆସିନଥିଲା ଏପରି ବର୍ଷା ପ୍ରଥମେ ଦେଖିଲୁ ବୋଲି କହୁଥିବା ଜଣା ପଡିଛି ।

# ୨୦ ବର୍ଷ ପରେ କାଣୀ ନଦୀରେ ବନ୍ୟାର ବିଭୀଷିକା

## ଦୁଇଟି ସ୍ଥାନରେ ଘାଇ, କାଟିଆ ବୈଶପାନ ଯୋଗାଯୋଗ ବିଚ୍ଛିନ୍ନ

## ୬ ଟି ପଞ୍ଚାୟତରେ ନାହିଁ ନଥିବା କ୍ଷତି, ୨୦ ହଜାର ଲୋକ ଜଳବନ୍ଦୀ

ଯାଜପୁର ,୩୦/୭ (ଆନିସ ) ଚଳିତ ବର୍ଷ କାଣୀ ନଦୀର ବନ୍ୟା ରେକର୍ଡ କରିଛି। ୧୯୯୯ ପରେ କାଣୀର କରାଳ ରୂପ ଦେଖିଛି ଦଶରଥପୁର । ପ୍ରତିବର୍ଷ ମନୁଷ୍ୟକୃତ ବନ୍ୟା ଯୋଗୁଁ ଚାଷ ବାସ ଉଜୁଡେ। ପ୍ରଭୂତ କ୍ଷତି ଘଟେ । ମାତ୍ର ଏବର୍ଷ ପ୍ରଶାସନର ସକଳ ପ୍ରଚେଷ୍ଟା ସତ୍ତ୍ଵେ ଦୁଇଟି ଘାଇ ହୋଇ ତାଣ୍ଡବ ରଚିଛି। କାଟିଆ ଛକ ଓ ବୈଶପାନ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ଅହିୟାସ ଠାରେ ମୁଖ୍ୟ ରାସ୍ତାର ୪ ଫୁଟରୁ ଉର୍ଦ୍ଧ୍ବରେ ବନ୍ୟା ଜଳ ପ୍ରବାହିତ ହେଉଛି। ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରେ ପାଣି ପଶିଛି। ଯାତ୍ରୀ ବସ ଗୁଡିକ ଯାଇ ନପାରି ଅଟକିଛି । ତରପଦା ପଞ୍ଚାୟତ ଡୋଭାବିଲ ଗଣ୍ଡ କୂଳରେ ପାଖାପାଖି ଦୁଇଟି ଘାଇ ସୃଷ୍ଟି ହୋଇଛି। ଗୋଟିଏ ୧୦୦ ଫୁଟ୍ ଓ ଅନ୍ୟଟି ପ୍ରାୟ ୬୦ ଫୁଟ। ଗୋପକୁଳ, ଜୟନ୍ତରାରେ ବୃଦ୍ଧ ବୃଦ୍ଧା ଓ ଭିନ୍ନ କ୍ଷମ ଙ୍କୁ ନିରାପଦ ସ୍ଥାନକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଯାଇଛି। ଆଶ୍ରୟସ୍ଥଳୀ ରେ ଥିବା ବିପନ୍ନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ତରପଦା, ଜୟନ୍ତରା ଓ କଟିକଟା ପଞ୍ଚାୟତରେ ପ୍ରଭୂତ କ୍ଷତି ଘଟାଇଛି ବନ୍ୟା।କେତେକ ଲୋକ ଘର ଛାତ ଉପରେ ଆଶ୍ରୟ ନେଇଛନ୍ତି । ଜିଲା ପ୍ରଶାସନ, ବ୍ଲକ୍ ପ୍ରଶାସନ ,ଜଳସମ୍ପଦ ବିଭାଗ,ଓଡ୍ରାଫ ଟିମ୍ ସତର୍କ ଓ ସଜାଗ ରହିଛନ୍ତି । ଅବକାରୀ କମିଶନର ,ପୂର୍ବତନ ଜିଲାପାଳ ପି ଅନ୍ୱେଷା ରେଡ୍ଡୀ, ଜିଲାପାଳ ଅମ୍ବର କୁମାର କର, ଏଡିଏମ୍, ଏପିଡି,ଜଳସମ୍ପଦ ବିଭାଗର ଉଚ୍ଚ ଅଧିକାରୀ ବିଜେପି ନେତା ଗୌତମ ରାୟ, ସୁବାସ ଚନ୍ଦ୍ର ମହାନ୍ତି ଜିଲା ବିଜେଡ଼ି ସଭାପତି ସରୋଜ କୁମାର ମହାପାତ୍ର ପ୍ରମୁଖଙ୍କୁ ଆଜି ବନ୍ୟାଞ୍ଚଳରେ ଦେଖିବାକୁ ମିଳିଛି। ସେହିପରି ସୁବାସ ମହାନ୍ତିଙ୍କ ତତ୍ତ୍ଵାବଧାନରେ ନଦୀ ବନ୍ଧ ସୁରକ୍ଷା ପାଇଁ ବାଲି ବସ୍ତା ପକା ଯାଉଛି। ଜଙ୍ଗଲି ସାହିରେ ନଦୀ ବନ୍ଧ ଦବି ଯିବାରୁ ହୋ ହାଲ୍ଲା ସୃଷ୍ଟି ହୋଇଥିଲା । ତେବେ ସ୍ଥାନୀୟ ଲୋକେ ନଦୀର ଭିତର ପଟୁ ଅଣ୍ଟାଏ ପାଣିରେ ପଶି ବାଲି ବସ୍ତା ପକାଇବା ଦୃଶ୍ୟ ମନରେ ଭିତି ସୃଷ୍ଟି କରିଥିଲା । ମାତ୍ର ଜୀବନକୁ ବାଜି ଲଗାଇ ବନ୍ଧ ସୁରକ୍ଷା କରୁଥିବା ଲୋକଙ୍କ ପ୍ରୟାସ ବଡ ଧରଣର ବିପଦକୁ ଟାଳି ଦେଇଥିଲା । ରାତି ୯ ଟାରେ ଗୌତମ ରାୟଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତନିଧି ଦଳ ଜିଲ୍ଲାପାଳ ଙ୍କୁ ଭେଟି ପର୍ଯ୍ୟାପ୍ତ ଗୋଖାଦ୍ୟ ଓ ବିଭିନ୍ନ ଜାଗାରେ ରନ୍ଧା ଖାଦ୍ୟ ଫ୍ରି କିଚେନ୍ ଉପଲବ୍ଧ କରାଯିବାକୁ ଦାବି ରଖିଥିଲେ । ଲୋକଙ୍କ ସ୍ଵାର୍ଥ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସବୁ ପ୍ରକାର ସହାୟତା ଯୋଗାଇ ଦିଆ ଯିବ ବୋଲି ଜିଲାପାଳ ପ୍ରତିନିଧି ଦଳଙ୍କୁ ପ୍ରତିଶୃତି ଦେଇଥିଲା ।



# ୨ୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ନାଟ୍ୟ ଆଲୋଚନା ଚକ୍ର

ବାରିପଦା, ୩୦।୭ (ଆନିସ): ସ୍ଥାନୀୟ ମହାରାଜା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା ଆମେ ଦ୍ୱାରା ଆୟୋଜିତ ହେବାକୁଥିବା ୨ୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ଜାତୀୟ ନାଟ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ଆଜିର ସମାଜ : ଆଜିର ନାଟକ ବିଷୟ ଉପରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟକ୍ଷ ଡା. କୈଳାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠିତ ନାଟ୍ୟକାର ନିର୍ଦ୍ଦେଶକ ତଥା ଏନ ଏସ ଡି, ନୂଆଦିଲ୍ଲୀର ପ୍ରଫେସର ଡ଼. ସତ୍ୟବ୍ରତ ରାଉତ, କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ତଥା ନାଟ୍ୟଚେତନା ଗ୍ରୁପର ସହଯୋଗୀତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦଘାଟନ କରିଥିଲେ ମହୋତ୍ସବର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନାଟ୍ୟ ବିଭାଗର ଅଧ୍ୟାପକ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଗବେଷଣାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ ସାଧାରଣ ସମ୍ପାଦକ ଓ ଆବାହକ ତଥା ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଡ. ଦେବବ୍ରତ ପ୍ରିୟଦର୍ଶିନୀ ଚକ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ପୁଷ୍ପା ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଏହି ଆଲୋଚନା ଚକ୍ରରେ ବହୁ ନାଟ୍ୟପ୍ରେମୀ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ପରବର୍ତ୍ତୀ ଆଲୋଚନା ଚକ୍ର ଚଳିତ ମାସ ୩୦ ତାରିଖ ଦିନ ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି




# ତାଲା ଭାଙ୍ଗି ଚୋରୀ ଅଭିଯୋଗ, ଦୁଇ ଗିରଫ

ଫୁଲବାଣୀ,୩୦/୦୭(ଆନିସ) : ବାଲିଗୁଡ଼ା ସହର ନିକଟ ନୂଆସାହୀ ରେ ଏକ ଘରୁ ତାଲା ଭାଙ୍ଗି ଚୋରୀ କରିଥିବା ଅଭିଯୋଗ ରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି ଗିରଫ ଦୁଇଜଣ ହେଲେ ସୋନୁ ପ୍ରଧନୀ ଓ ଶୁଭମ୍ କୁମାର ନାୟକ ସୂଚନା ଯୋଗ୍ୟ ଯେ, ନୂଆ ସାହୀ ଅଞ୍ଚଳ ରକୁନ୍ତୀ ପୂଜାରୀ ଓ ପ୍ରଶାନ୍ତ କୁମାର ପୁଝାରୀ ପରିବା ବ୍ୟବସାୟ କରନ୍ତି ଏ ଦୁହେଁ ପରିବା ବ୍ୟବସାୟ କରିବା ପାଇଁ ଘର ତାଲା ପକାଇ ବଜାର କୁ ଯାଇଥିବା ବେଳେ ସୋନୁ ଓ ଶୁଭମ୍ ତାଲା ଭାଙ୍ଗି ଘରେ ପଶି ଆଲ ମୀରା ରୁ ନଗଦ ୨୦ହଜାର ଟଂକା ଚୋରୀ କରିଥିଲେ ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଲାଇଥିଲା ଆଉ ଆଜି ଦୁଇ ଅଭିଯୁକ୍ତ କୁ ଗିରଫ କରି ଥିଲା ପୋଲିସ ସେମାନଙ୍କ ନିକଟରୁ ନଗଦ ୩ହଜାର ୫ଶହ ଟଂକା ଜବତ କରିଛି ପୋଲିସ ଆଜି ଦୁଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଛି ପୋଲିସ ଥାନା ଅଧିକାରୀ ଙ୍କ ନିଷ୍ଠାପର ଉଦ୍ୟମ ଓ ଆନ୍ତରିକତା ଯୋଗୁଁ ଏହା ସଫଳ ହୋଇଥିବା ଜଣାପଡିଛି



# ବ୍ରାହ୍ମଣ୍ଡିରୁ ଗଞ୍ଜେଇ ଜବତ, ଯୁବକ ଗିରଫ

ଜଗତସିଂହପୁର, ୩୦।୭ (ଆନିସ): ବାଲିକୁଦା ଥାନା ଅନ୍ତର୍ଗତ ବ୍ରାହ୍ମଣ୍ଡି ଗ୍ରାମରେ ଚଢଉ କରି ୧ କେଜି ୦୪୫ ଗ୍ରାମ ଗଞ୍ଜେଇ ଜବତ କରିଛି ବାଲିକୁଦା ଅବକାରୀ ଥାନା ଯାହାର ଆନୁମାନିକ ମୂଲ୍ୟ ୧୦୪୫୦/– ଟଙ୍କା ହେବ। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ନରେଶ କୁମାର ପଣ୍ଡାଙ୍କ ନେତୃତ୍ବରେ ଏକ ଟିମ ବୁଧବାର ଦିନ ବ୍ରାହ୍ମଣ୍ଡି ଗ୍ରାମରେ ଚଢଉ କରିଥିଲା। ସନ୍ଦିଗ୍ଧ ଜଣକ କୌଣସି ସୂତ୍ରରୁ ଖବର ପାଇ ଗଞ୍ଜେଇ ବ୍ୟାଗକୁ ନେଇ ଖସିପଳାଇବାକୁ ଚେଷ୍ଟା କରୁଥିବାବେଳେ ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ ପିଛା କରିବା ପରେ ସେହି ଗ୍ରାମର ତ୍ରିନାଥ ମନ୍ଦିର ସମ୍ମୁଖ ରୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୧କେଜି ୦୪୫ ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ଜଣକ ହେଲେ ବ୍ରାହ୍ମଣ୍ଡି ଗ୍ରାମର ମଧୁସୂଦନ କାଣ୍ଡିଙ୍କ ପୁଅ ପ୍ରଶାନ୍ତ କାଣ୍ଡି(୪୮)। ତାଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗିୟ ହାଜତକୁ ପଠାଯାଇଛି। ଏହି ଅଭିଯାନରେ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଳ ନବଘନ ମାରଣ୍ଡି, କଲ୍ୟାଣୀ ସେଠୀ, ପ୍ରତିମା ଜେନା ପ୍ରମୁଖ ସାମିଲ ଥିଲେ।



# ଲଗାଣ ବର୍ଷାରେ ଘର କାନ୍ଥ ଭୁଶୁଡ଼ିଲା, ଗଛ ପଡି ରାସ୍ତା ଅବରୋଧ



ଫୁଲବାଣୀ ୩୦/୦୭(ଆନିସ):କନ୍ଧମାଳ ଜିଲ୍ଲାରେ ଗତ କିଛି ଦିନ ହେଲା ଲଗାଣ ବର୍ଷା ଯୋଗୁଁ ଜନ ଜୀବନ ବିପର୍ଯ୍ୟସ୍ତ ହୋଇପଡିଛି ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗେରୁପ ଡ଼ା ଗ୍ରାମରେ ବର୍ଷା ରେପ୍ରମୋଦଦଳ ବେହେରା ଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିବା ସହ କେତେକ ସ୍ଥାନ ରେ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି ମଧ୍ୟ ରାତ୍ର ରେ କାନ୍ଥ ଟି ବାହାର ପଟେ ପଡିବ ଫଳରେ ପାରିବାର ଲୋକେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି ସେହିପରି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ରାସ୍ତା କଡ ଗଛ ଉପୁଡ଼ି ପଡ଼ିଥିବାରୁ ଗମନା ଗମନ ବାଧା ପ୍ରାପ୍ତ ହୋଇଥିଲା ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗଛ କାଟି ସଫା କରିବା ଫଳରେ ଗମନା ଗମନ ସ୍ୱାଭାବିକ ହୋଇଥିଲା

# ସାବଧାନ! ଜି ଉଦୟଗିରୀ ଜଙ୍ଗଲରେ ତିନି ହାତୀ

ଫୁଲବାଣୀ,୩୦/୦୭ (ଆନିସ) ଗୁରୁବାର ହାତୀ ଜଣକୁ ଦଳି ମାରିଦେବା ପରେ ବନ ବିଭାଗ କର୍ମଚାରୀ ସକ୍ରିୟ ହୋଇ ହାତୀ ର ଗତି ବିଧି ଯାଞ୍ଚ କରୁଛନ୍ତି ଡି ଏଫ୍ ଓ ପ୍ରତାପ କୋଟ ପଲ୍ଲୀ ଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ଲାଗି ଉଦ୍ୟମ ଆରଂଭ ହୋଇଛି ଅଞ୍ଚଳ ରେ ୩ଟି ହାତୀ ଚଳ ପ୍ରଚଲ କରୁଥିବା ଡି ଏଫ୍ ଓ ପ୍ରତାପ କଟାପାଲି ସୁଚନା ଦେଇଛନ୍ତି ସମ୍ପୃକ୍ତ ଅଞ୍ଚଳ ର ଲୋକଙ୍କୁ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ସୁଚନା ଦିଆ ଯାଇଥିବା ସେ କହିଛନ୍ତି ହାତୀ ଆକ୍ରମଣରେ ମୃତକ ଙ୍କ ପରିବାର କୁ ସରକାରୀ ନୀତି ନିୟମ ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

# ଖଜୁରିପଡା ବିଡିଓଙ୍କ ବିଲବାଡ଼ି ପଂଚାୟତ ଗସ୍ତ

ଫୁଲବାଣୀ, ୩୦।୭ (ଆନିସ): ଖଜୁରିପଡା ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତି ବ୍ଲକ୍ ଅଞ୍ଚଳ ର ଉନ୍ନତୀ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଉନ୍ନୟନ ମୂଳକ କାର୍ଯ୍ୟ ଠିକ୍ ଭାବେ ଚାଲିଛି କି ନାହି ବୁଲି ଦେଖିବା ସହ ଲୋକମାନଙ୍କ ସହ ସମସ୍ୟା ସଂପର୍କରେ ଆଲୋଚନା କରିଛନ୍ତି । ବ୍ଲକ ଅନ୍ତର୍ଗତ ଦୁର୍ଗମ ବିଲବାଡ଼ି ପଂଚାୟତ ଗସ୍ତ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତାଦରଖ କରିବା ସହ କାର୍ଯ୍ୟ ଯେପରି ଉନ୍ନତ ମାନର ହେବ ଓ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସରିବ ସେଥି ପ୍ରତି ଦୃଷ୍ଟି ଦେବା ପାଇଁ ଯନ୍ତ୍ରୀ ଙ୍କୁ ପରାମର୍ଶ ଦେଇଥିଲେ ବିଡିଓ ବାହିନୀ ପତି ଙ୍କ ସହ ସହକାରୀ ଯନ୍ତ୍ରୀ ଇଁ ବିଷ୍ଣୁ ପ୍ରାସାଦ ଖାଡଙ୍ଗା, କନିଷ୍ଠ ଯନ୍ତ୍ରୀ କ୍ଷେତ୍ର ସିଂ ମାଝୀ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ବିଡ଼ିଓ ଙ୍କ କାର୍ଯ୍ୟ କୁ ଗ୍ରାମବାସୀ ପ୍ରଶଂସା କରିଥିଲେ ।

# ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ ୩୦/୦୭ (ଆନିସ):ଏକ ନାବାଳିକା ଦୁଷ୍କର୍ମ ଅଭିଯୋଗ ର ସାକ୍ଷ୍ୟ ପ୍ରମାଣ କୁ ଭିତ୍ତି କରି ସ୍ୱତନ୍ତ୍ର ପୋକା ସୋ କୋର୍ଟ ବିଚାରପତି ଅଭିଯୁକ୍ତ ଟିଲୁ ପ୍ରଧାନ ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦ହଜାର ଟଂକା ଜୋରିମାନା ଆଦେଶ ଦେଇଛନ୍ତି ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଦେଇଛନ୍ତି ସେହିପରି ପୀଡ଼ିତା କୁ ଦେଢ଼ ଲକ୍ଷ ଟଙ୍କା କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଡି ଏଲ ଏସ ଏ କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ ସୂଚନା ଯୋଗ୍ୟ ଯେ ୨୦୧୮ର ରେ ରାଇକିଆ ଥାନା ଅନ୍ତର୍ଗତ ଏକ ନାବାଳିକା ସମ୍ପର୍କୀୟ ଙ୍କ ଘରକୁ ଯିବା ଆସିବା କରୁଥିଲେ ସେ ସମୟରେ ଟିଲୁ ସହ ନାବାଳିକା ର ଦେଖା ହୋଇଥିଲା ଓ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ଟିଲୁ ବିବାହ କରିବା ପାଇଁ ମିଥ୍ୟା ପ୍ରତିଶ୍ରୁତି ଦେଇ ନାବାଳିକା ସହ ସମ୍ପର୍କ ରଖିଥିଲା ତେବେ ନା ବାଳିକା ଗର୍ଭ ବତି ହେବା ଜାଣି ଟି ଲୁ ସୁରଟ ପଳେ ଇଥିଲା ପରେ ସୁରଟ ରୁ ଫେରି ନାବାଳିକା ପରିବାର କୁ ଧମକ ଦେବା ସହ ମାରପିଟ୍ କରିଥିଲା ଫଳରେ ପୀଡ଼ିତା ରାଇକିଆ ଥାନାରେ ଅଭିଯୋଗ କରିଥିଲେ ପୋଲିସ ଏ ନେଇ ମାମଲା ରୁଜୁ କରି ଅଭିଯୁକ୍ତ ଟି ଲୁ କୁ ଗିରଫ କରିଥିଲା ଆଜି ମାମଲା ର ବିଚାର କରି ପୋକ ସୋ କୋର୍ଟ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି ବରିଷ୍ଠ ଆଇନଜୀବି ତଥା ସ୍ୱତନ୍ତ୍ର ପି ପି ରମେଶ ଚନ୍ଦ୍ର ମହାନ୍ତି ମକଦ୍ଦମା ପରିଚାଳନା କରୁଥିଲେ ।

# ମାନିନୀ ବିଶ୍ୱାଳ ହେଲେ ଜିଲ୍ଲା ମହିଳା ମୋର୍ଚ୍ଚା କୋଷାଧ୍ୟକ୍ଷା

ଯାଜପୁର , ୩୦।୭(ଆନିସ) : ରାଜ୍ୟ ବିଜେପି ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ ସାରା ରାଜ୍ୟରେ ସଂଘଠନଙ୍କୁ ମଜବୁତ କରିବାପାଇଁ ମହିଳା ମାନଙ୍କୁ ଗୁରୁ ଦାୟିତ୍ୱ ଦେଉଛନ୍ତି, ଏହି କ୍ରମରେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଏବଂ ଜିଲ୍ଲା ସଭାପତି ଶ୍ରୀମତୀ ଦେବଯାନୀ ପ୍ରଧାନଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଦିପ୍ତିମୟୀ କୁଆଁର ଯାଜପୁର ଜିଲ୍ଲା ମହିଳା ମୋର୍ଚ୍ଚା ପଦାଧିକାରୀ ତାଲିକା ଘୋଷଣା କରିଛନ୍ତି ଏହି ତାଲିକାରେ ବିଂଝାରପୁର ନିର୍ବାଚନମଣ୍ଡଳୀ ବାଙ୍ଗରା ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ମାନିନୀ ବିଶ୍ୱାଳଙ୍କୁ ଜିଲ୍ଲା ମହିଳା ମୋର୍ଚ୍ଚା କୋଷାଧକ୍ଷା ଭାବେ ଏକ ଗୁରୁ ଦାୟିତ୍ୱ ଦେଇଛନ୍ତି, ଏହି ଚିଠି ଦେଖିଲା ପରେ ମାନିନୀ ଙ୍କ ଶୁଭେଚ୍ଛୁ ମାନଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି, ଏଭଳି ଏକ ଗୁରୁ ଦାୟିତ୍ୱ ଦେଇଥିବାରୁ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଶ୍ରୀମତୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଯାଜପୁର ଜିଲ୍ଲା ସଭାପତି ଶ୍ରୀମତୀ ଦେବଯାନୀ ପ୍ରଧାନ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ଦିପ୍ତିମୟୀ କୁଆଁର ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ବବିତା ମଲିକଙ୍କୁ ମାନିନୀ କୃତଜ୍ଞତା ଜଣାଇଛନ୍ତି।

## ବନ୍ୟା ବିଭିଷୀକାରେ ସାହସ ଦେଉଛି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ

# ଗର୍ଭବତୀଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କଲେ



ଭଦ୍ରକ, ୩୦/୦୭(ଆ ନି ସ )–ବନ୍ୟା ପରିସ୍ଥିତି ମଧ୍ୟରେ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ଯୋଗୁଁ ଆଜି ଜଣେ ପ୍ରସବ ବେଦନାରେ ପୀଡ଼ିତ ଗର୍ଭବତୀ ମହିଳାଙ୍କୁ ସଫଳତାର ସହ ଉଦ୍ଧାର କରାଯାଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଦ୍ଧାର ହୋଇଥିବା ଗର୍ଭବତୀ ମହିଳା ହେଲେ ଶ୍ରୀମତୀ ସବିନା ଖାତୁନ (୨୨)। ସେ ଧାମନଗର ବ୍ଲକର ଦୋବଲ ଗ୍ରାମର ଶେଖ ରୋସନଙ୍କ ପତ୍ନୀ। ସବିନା ନିଜ ପିତାଙ୍କ ଘରକୁ ଯାଜପୁରରୁ ଆସିଥିବା ବେଳେ ଆଜି ସନ୍ଧ୍ୟା ପ୍ରାୟ ୫ଟା. ସମୟରେ ପ୍ରସବ ବେଦନା ଆରମ୍ଭ ହୋଇଥିଲା।ଖବର ପାଇବା ପରେ ଧାମନଗର ସିଏଚସିର ଅଧୀକ୍ଷକ ଡା. ମନମୟ ସାମନ୍ତସିଂହାର ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଓଡ୍ରାଫ୍ ଟିମ୍‌ର ସହଯୋଗରେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସବିନା ଖାତୁନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଧାମନଗର ସିଏଚସିରେ ଭର୍ତ୍ତି କରାଯାଇଥିଲା। ଏହି ଉଦ୍ଧାର କାର୍ଯ୍ୟରେ ଅଧୀକ୍ଷକ ଡା. ମନମୟ ସାମନ୍ତସିଂହାରଙ୍କ ସମେତ ଷ୍ଟାଫ୍ ନର୍ସ ମର୍ଜିନା ବିବି, ଏମ୍.ପି.ଏଚ୍.ଡବ୍ଲୁ. (ପୁରୁଷ) ଅସଦ ମୋଦାସିର, ସିଏଚଓ ପ୍ରିୟଙ୍କା ମହାନ୍ତି, ପିଏଚ୍‌ଇଓ କିଶୋର ପଣ୍ଡା, ବିପିଏମ୍ ଜିତେନ୍ଦ୍ର ବିଶ୍ୱାଳ ଏବଂ ଓଡ୍ରାଫ୍ ଟିମ୍ ସକ୍ରିୟ ସହଯୋଗ କରିଥିଲେ। ବନ୍ୟା ପରିସ୍ଥିତିରେ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଠିକ୍ ସମୟରେ ଚିକିତ୍ସା ସେବା ଯୋଗାଇବାରେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଓଡ୍ରାଫ୍‌ର ଏହି ସମନ୍ୱିତ ପ୍ରୟାସ ପ୍ରଶଂସନୀୟ।

# ଜାତୀୟ ଯୋଗାସନ ପ୍ରତିଯୋଗିତା

ବାରିପଦା, ୩୦।୭ (ଆନିସ): ରାଜସ୍ଥାନ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୋଗାସନ ସବ ଜୁନିୟର ଓ ଜୁନିୟର ପ୍ରତିଯୋଗିତାରେ ମୟୁରଭଞ୍ଜର ୫ ଜଣ ଓ ପାଟନାରେ ସିନିୟର ବିଭାଗର ୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି ପ୍ରକାଶ ଥାଉକି ଚଳିତ ମାସ ଓଡିଶା ଯୋଗ ଏସୋସିଏସନ ଦ୍ୱାରା କଟକ ଠାରେ ଅନୁଷ୍ଠିତ ୩୨ ତମ ରାଜ୍ୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ମୟୁରଭଂଜ ଜିଲ୍ଲାରୁ ସର୍ବମୋଟ ୬୧ ଜଣ ବାଳକ ଓ ବାଳିକା ଏବଂ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିବା ବେଳେ ସବ ଜୁନିୟର ଓ ଜୁନିୟର ବିଭାଗରେ ବିଜୟଲକ୍ଷ୍ମୀ ଗିରି ୩ୟ ସ୍ଥାନ, ନିହାର ରଞ୍ଜନ ସାହୁ ୨ୟ, ବିଷ୍ଣୁ ପ୍ରସାଦ ସାମଲ ୨ୟ, କ୍ରିଷ୍ଣା ନାୟକ ୧ମ ଓ ବିଶ୍ୱଜିତ ମହାନ୍ତି ୨ୟ ସ୍ଥାନ ଏବଂ ସିନିୟର ବିଭାଗରେ ଶିବଶଙ୍କର ଦାସ ୧ମ ଓ ପ୍ରକାଶ ବେହେରା ୨ୟ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ତତସହିତ ଶୁଭଶ୍ରୀ ନିକିତା ଜେନା ୫ମ, ଶୁଭ୍ରାଂଶୁ ପୃଷ୍ଟି ୬ଷ୍ଠ, ପ୍ରସାଦ ବାରିକ ୫ମ, ପ୍ରିୟାଂଶି ପୃଷ୍ଟି ୬ଷ୍ଠ, ବିଷ୍ଣୁ ଶିବରାଜ ସୋରେନ ୪ର୍ଥ, ଯାଜ୍ଞଶିନୀ ସାହୁ ୬ଷ୍ଠ, ସଂଗୀତା ପାଢ଼ୀ ୪ର୍ଥ, ରୁପମ ମଣ୍ଡଳ ୫ମ, ନେହା ଅଁଗ୍ରୱାଲ ୫ମ, ଦେବାଶିଷ ବାରିକ ୫ମ ଓ ଆରତୀ ସିଂ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।



# ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ : ବନ୍ୟା ପ୍ରଭାବିତ ଅଞ୍ଚଳରୁ ବୃଦ୍ଧ ଓ ସାପ କାମୁଡ଼ା ରୋଗୀଙ୍କ ସଫଳ ଉଦ୍ଧାର

ଭଦ୍ରକ, ୩୦/୦୭(ଆ ନି ସ )–ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ଜରୁରୀକାଳୀନ ସହାୟତା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଏହି କ୍ରମରେ ଓଡ୍ରାଫର ୪ର୍ଥ ଆଇଆରବି, ଦେବଗଡ଼ ଟିମ ପକ୍ଷରୁ ବନ୍ୟାଜଳ ଘେରା ନଦୀଗାଁରୁ ୭୬ ବର୍ଷୀୟ ତ୍ରିଲୋଚନ ସାହୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଓ ସ୍ଥିର ଥିବା ଜଣାପଡ଼ିଛି। ସେହିପରି ତିଆଡ଼ିସାହିର ଜଣେ ସାପ କାମୁଡ଼ା ରୋଗୀଙ୍କୁ ମଧ୍ୟ ଉଦ୍ଧାରକାରୀ ଦଳ ସଫଳତାର ସହ ଉଦ୍ଧାର କରି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଛି। ସମୟୋପଯୋଗୀ ଚିକିତ୍ସା ବ୍ୟବସ୍ଥା କରାଯାଇଥିବାରୁ ରୋଗୀଙ୍କ ଚିକିତ୍ସା ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ସ୍ୱାସ୍ଥ୍ୟସେବା ଏବଂ ରିଲିଫ୍ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଉଛି। ଓଡ୍ରାଫ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପ୍ରଶାସନର ସମନ୍ୱିତ ପ୍ରୟାସରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ନକଲି ଶିକ୍ଷକ ମାନଙ୍କ ପର୍ଦା ଫାର୍ଶ - ବିଭାଗୀୟ ବିଫଳତା

ରାଜ୍ୟ ସାରା ମାଲ ମାଲ ନକଲି ଶିକ୍ଷକ,ନକଲି ଡାକ୍ତର,ନକଲି ସାମ୍ବାଦିକ ସାଙ୍ଗକୁ ପଲପଲ ନକଲି ନାଗରିକ ସାଜିଥିବା ବଙ୍ଗଳାଦେଶୀମାନେ ଛାଇ ଯାଇଛନ୍ତି।ହେଲେ ଏମାନଙ୍କ ପ୍ରମାଣ ପତ୍ରରୁ ଅସଲି କିଏ ନକଲି କିଏ ଜାଣିବା ସମ୍ଭବ ନହେବା ପଛରେ ଦୀର୍ଘ ବର୍ଷ ଧରି ଏମାନଙ୍କୁ ସହାୟତା କରି ଆସିଥିବା ରାଜ୍ୟର ଶାସନ ଓ ପ୍ରଶାସନହିଁ ମୁଖ୍ୟତଃ ଦାୟୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବ ସ୍ତମ୍ଭରେ ମୁଁ ନକଲି ଡାକ୍ତର, ନକଲି ସାମ୍ବାଦିକ ଓ ନାଗରିକ ମାନଙ୍କ ଉପରେ ସ୍ତମ୍ଭ ଲେଖିଥିଲି ନକଲି ଡାକ୍ତର ଆଉ ଘରୋଇ କ୍ଲିନିକ୍ ଭରଷାରେ ଆମ ରାଜ୍ୟ ସ୍ୱାସ୍ଥ୍ୟ ସେବା,ସାମ୍ବାଦିକ ମାନଙ୍କ ଭିନ୍ନ ଏକ ରୂପ ଏବଂ ଉପକୂଳରୁ ଉପାନ୍ତ ମୁହାଁ ହଜାର ହଜାର ବଙ୍ଗଳାଦେଶୀ ଅନୁପ୍ରବେଶୀ। ସ୍ୱାସ୍ଥ୍ୟ ସମସ୍ୟା ହେଉ, ଗଣମାଧମର ସ୍ୱଚ୍ଛତା ବିଷୟ ହେଉ ଅବା ଅନୁପ୍ରବେଶ କିମ୍ବା ଶିକ୍ଷା ସମସ୍ୟା ଏହାର ସମାଧାନର ପ୍ରୟାସ ସରକାରୀ ଅବା ପ୍ରଶାସନିକ ସ୍ତରରେ ହେଉଥିବା ଦେଖା ଯାଉନାହିଁ।ଏସବୁ ସତ୍ତ୍ୱେ ସମସ୍ୟାକୁ ସାଧାରଣରେ ଉଜାଗର କରିବା ଏବଂ ସରକାର ଓ ପ୍ରଶାସନର ଦୃଷ୍ଟିକୁ ଆଣିବା ଆମର ପ୍ରମୁଖ କର୍ତ୍ତବ୍ୟ।ଏହି ପରିପ୍ରେକ୍ଷୀରେ ଅନ୍ୟ ଏକ ଗୁରୁତର ସମସ୍ୟା ବହୁ ବର୍ଷ ହେବ ଆମ ରାଜ୍ୟକୁ କର୍କଟ ଭଳି ଗ୍ରାସ କରି କରି ଚାଲିଛି। ତାହା ହେଉଛି ନକଲି ଶିକ୍ଷକ ସମସ୍ୟା।ନକଲି ଶିକ୍ଷକ ବିଷୟ ଶୁଣିବା ବେଳେ ଯେ କୌଣସି ବୁଦ୍ଧିଜୀବୀ କିମ୍ବା ଅଭିଭାବକ ସାଧାରଣତଃ ସ୍ତବଧ ହୋଇଯିବା ସ୍ୱାଭାବିକ।ଆମକୁ ଚିକିତ୍ସା କରୁଥିବା ଡ଼ାକ୍ତର ନକଲି ବୋଲି ଜାଣି ଆମେ ହଠାତ୍ ଆଶ୍ଚର୍ଯ୍ୟ ଚକିତ ହେଉଥିବା ବେଳେ ଏବେ ଆମ ପିଲାଙ୍କୁ ପାଠ ପଢ଼ାଉଥିବା ଶିକ୍ଷକ ଜଣକ ନକଲି ବୋଲି ଜାଣିଲେ ଆମ ପାଦ ତଳୁ ମାଟି ଖସିଗଲା ଭଳି ଲାଗିବା ଅସମ୍ଭବ ନୁହେଁ।ଶୁଣିବାକୁ ମିଳୁଛି ରାଜ୍ୟ ସାରା ମାଲମାଲ ନକଲି ଶିକ୍ଷକ ଛାଇ ଯାଇଛନ୍ତି। ଉପକୂଳରୁ ଉପାନ୍ତ ଯାଏ ସରକାରୀ ଚାକିରୀରେ ଏବଂ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ଭାବେ ଏମାନେ ଅବସ୍ଥାପିତ।କିଏ ସ୍ନାତକ ଶିକ୍ଷାଗତ ଯୋଗ୍ୟତାରେ ତ କିଏ ବିଏଡ଼ ତାଲିମ ପ୍ରମାଣ ପତ୍ର,ଦିବ୍ୟାଙ୍ଗ ଓ ଜାତିଗତ ପ୍ରମାଣ ପତ୍ରରେ ଜାଲିଆତି କରି ଚାକିରି ହାତେଇଥିବା ଶୁଣିବାକୁ ମିଳୁଛି।କେତକ ନକଲି ଶିକ୍ଷକ ସେମାନଙ୍କ କାର୍ଯ୍ୟକାଳ ଶେଷକରି ପ୍ରଶାସନ କୃପାରୁ ଅବସର ନେଇ ସାରିଥିବା କଥା ମଧ୍ୟ ଶୁଣିବାକୁ ମିଳୁଛି।ଏ ବିଷୟରେ କିଛି ଖବର ବିଭିନ୍ନ ଗଣମାଧମରେ ପ୍ରଘଟ ହେବା କ୍ଷଣି ସେ ସମୟରେ ସରକାରଙ୍କ ମୁଣ୍ଡରେ ଚେତା ପଶିଥିଲା।ପରେ ସରକାର ନକଲି ଶିକ୍ଷକ ନିଯୁକ୍ତି ବିଷୟକ ଖବରର ସତ୍ୟାସତ୍ୟ ଜାଣିବା ପାଇଁ ଗଣଶିକ୍ଷା ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇ ତାଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ରାଜ୍ୟବାସୀଙ୍କ ସମ୍ମୁଖରେ ରଖିଥିଲେ।ଧର୍ମକୁ ଆଖି ଠାର ମାରିଲା ଭଳି ଗଣଶିକ୍ଷା ବିଭାଗର ଅଧିକାରୀମାନେ କିଛିଦିନ ଶିକ୍ଷାଗତ ପ୍ରମାଣ ପତ୍ର ଯାଞ୍ଚ ନାଁରେ କସରତ ଆରମ୍ଭ କଲେ।ତଦନ୍ତ କଣ ହେଲା,

କେବେ ସରିଲା କି ନାହିଁ କାହାକୁ କିଛି ଜଣା ପଡିଲା ନାହିଁ।ଯଦି ତଦନ୍ତ ସରିଛି,ତଦନ୍ତର ନିଷ୍କର୍ଷ କଣ ବାହାରିଲା,କେତେ ନକଲି ଧରା ପଡିଲେ, ନା ନିଯୁକ୍ତିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଥିଲା,ଶହେକୁ ଶହେ ଅସଲି ସୁନା ମୁଣ୍ଡା ଶିକ୍ଷକ ଥିଲେ,ତାର ଟେର କେହି ବି କିଛି ପାଇଲେ ନାହିଁ,ଶେଷରେ କାର୍ଯ୍ୟାନୁଷ୍ଠାନ କଣ ହେଲା ତାହା ତତ୍କାଳୀନ ସରକାର ଓ ବିଭାଗକୁ ଜଣା ଥିବ। ପରେ ୨୦୧୮ରେ ଶିକ୍ଷା ସହାୟକ ଚାକିରି ପାଇଥିବା ଅନେକ ଶିକ୍ଷକ ମାନଙ୍କ ଚାକିରି ନିୟମିତ ହେବାର ପ୍ରକ୍ରିୟା ଆରମ୍ଭ ହେଲା।ନିୟମାନୁସାରେ ଚାକିରି ନିୟମିତ କରିବା ପୂର୍ବରୁ ଶିକ୍ଷାଗତ ସ୍ନାତକ ଯୋଗ୍ୟତା,ବିଏଡ୍ ତାଲିମ ପ୍ରମାଣପତ୍ର ସହ,ଜାତିଗତ ଏବଂ ଦିବ୍ୟାଙ୍ଗ ପ୍ରମାଣପତ୍ରର ଯାଞ୍ଚ ସବୁ ଜିଲ୍ଲାରେ ରୀତିମତ ଚାଲିଲା।ବୋଧହୁଏ ସେତେବେଳର ଯାଞ୍ଚ ସମୟରେ ବି ଅସଲି ନକଲି ବିଷୟରେ ବିଶେଷ କିଛି ଜଣା ପଡିଲା ନାହିଁ।ସେ ସମୟରେ ଶୁଣାଗଲା ଜାଣିଶୁଣି ବିଭାଗୀୟ ଅଫିସରମାନେ ଜାଞ୍ଚରେ ବ୍ୟାପକ ଅନିୟମିତତା କରିଛନ୍ତି। ଯେଉଁ ବିଭାଗୀୟ ଅଧିକାରୀ ପ୍ରଲୋଭନରେ ନକଲି ପ୍ରମାଣ ପତ୍ରକୁ ଅସଲି ଦର୍ଶାଇ ସେ ସମୟର ପ୍ରାର୍ଥୀ ମାନଙ୍କୁ ଶିକ୍ଷକ ଚାକିରି ଦେଇଛନ୍ତି,

ସେମାନଙ୍କ ମଧ୍ୟରୁ ଯଦି କାହାରିକୁ ଯାଞ୍ଚ ଦାୟିତ୍ୱ ଦିଆଯାଇଥାଏ,ତେବେ ଫଳ ଯାହା ମିଳିବା କଥା ଠିକ ସେଇଆ ମିଳିଲା ବୋଲି କଥା ଉଠିଲା। କଥାରେ ଅଛି ତୁ ଗୁହାରୀ କରିବୁ ଯାହାକୁ, ମୁଁ ଗେରସ୍ତ କରିଛି ତାହାକୁ ଏଠି କାର୍ଯ୍ୟାନୁଷ୍ଠାନର ପ୍ରଶ୍ନ ଉଠିବ କେମିତି।ସେ ସମୟରେ ଜାଲ ପ୍ରମାଣ ପତ୍ରରେ ଚାକିରି ହାତେଇ ଥିବାର ରୋଚକ ଖବର ମାନ ବିଭିନ୍ନ ଖବର କାଗଜ ମାନଙ୍କରେ ରୀତିମତ ବାହାରୁଥାଏ।ସାରା ରାଜ୍ୟରେ ନକଲି ଶିକ୍ଷକ ମାନଙ୍କ ଚାକିରୀକୁ ନେଇ ଅନେକ କଥା ଶୁଣିବାକୁ ମିଳୁଥିଲା।ସରକାରଙ୍କ ସ୍ୱଚ୍ଛତା ଉପରେ ଅନେକ ପ୍ରଶ୍ନ ଉଠିଥିଲା।ଅନ୍ୟପଟେ ଅସଲି ପ୍ରମାଣ ପତ୍ରରେ ଚାକିରି ପାଇଥିବା ଶିକ୍ଷକ ମାନଙ୍କୁ ମଧ୍ୟ ସାଧାରଣରେ ସନ୍ଦେହ ଦୃଷ୍ଟିରେ ଦେଖିବାକୁ ଲାଗିଲେ।ଧୁଆ ମୂଳା,ଅଧୁଆ ମୂଳା ଭିତରେ ପ୍ରଭେଦ ଦେଖିବା ପରିସ୍ଥିତିରେ କେହି ନଥିଲେ।ଧିରେ ଧିରେ ଏହାର ପ୍ରଭାବ ବିଦ୍ୟାଳୟ ଶିକ୍ଷା ଦାନ ଉପରେ ପଡୁଥିବା ଦେଖିବାକୁ ମିଳିଲା।ଫଳରେ ପ୍ରମାଣପତ୍ର ଯାଞ୍ଚର ନିରପେକ୍ଷତାକୁ ନେଇ ସନ୍ଦେହ ଦିନକୁ ଦିନ ଦୃଢୀଭୂତ ହେବାରେ ଲାଗିଥିଲା।ପରେ ତତ୍କାଳୀନ ତଦନ୍ତକୁ ନେଇ ବିଭାଗୀୟ ସଚିବ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ କାଳ ବିଳମ୍ବ ନକରି ସମସ୍ତ ପ୍ରମାଣ ପତ୍ର ଯାଞ୍ଚ ପାଇଁ ପୁନଃ ନିର୍ଦ୍ଦେଶ ଦେଇଥିବା ଶୁଣିବାକୁ ମିଳିଲା।ଯାଞ୍ଚରେ ପ୍ରମାଣ ପତ୍ର ନକଲି ମିଳିଲେ ସଂପୃକ୍ତ ଜାଲି ଶିକ୍ଷକ ମାନଙ୍କୁ ଧରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ମଧ୍ୟ ବିଭାଗ ତରଫରୁ ଆସିଥିବା ଜଣା ପଡିଥିଲା।ରାଜ୍ୟରେ ଗଣଶିକ୍ଷା ବିଭାଗର କଡା ଆଭିମୁଖ୍ୟ ପରେ ଏହି ଜାଲିଆତି କାଣ୍ଡକୁ ନେଇ ସମସ୍ତ ଜିଲ୍ଲା ଅଧିକାରୀ ଯେପରି ତତ୍ପର ହୋଇ ଉଠିଲେ।ପ୍ରତ୍ୟେକ ଜିଲ୍ଲାର ଶିକ୍ଷାଧିକାରୀ(ଡିଇଓ),

ବ୍ଲକ ଶିକ୍ଷାଧିକାରୀ(ବିଇଓ)

ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତି ବ୍ଲକ ଓ ଜିଲ୍ଲା ସଦର ମହକୁମାରେ ଚାଲିଲା ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା।ଦିନ ପରେ ଦିନ ଗଡି ଚାଲିଥାଏ।ସତେ ଯେପରି ସତୀତ୍ୱ ପରୀକ୍ଷାରେ ଚାଲିଥାଏ ଭିତିରି ସଲାସୁତୁରା ବୋଲି କେହି କେହି ଟିପଣି ଦେଉଥିଲେ।କାର୍ଯ୍ୟାଳୟରେ ଶିକ୍ଷକ ମାନଙ୍କ ଅସମ୍ଭବ ଭିଡ ଦେଖିବାକୁ ମିଳୁଥିଲା।ତଦନ୍ତ ପ୍ରକ୍ରିୟାରେ ଆନ୍ତରିକତା ଥିବା ଭଳି ଲାଗୁନଥିଲା। ଯାଞ୍ଚକୁ ନେଇ ଅନେକ ପ୍ରଶ୍ନ ଉଠୁଥାଏ।କେହି କେହି କହୁଥିବା ଶୁଣିବାକୁ ମିଳୁଥିଲା ଆଜିକାଲି ଚାକିରି ସବୁ ନିଲାମ ହେଉଛି,ଯୋଗ୍ୟ ପାର୍ଥିକୁ ଚାକିରି ମିଳିବା ଏଠାରେ ସ୍ୱପ୍ନ।ଏହା ମଧ୍ୟ ଶୁଣା ଯାଇଥିଲା ଶିକ୍ଷକ ମାନଙ୍କ ପ୍ରମାଣପତ୍ର ଯାଞ୍ଚ ସମୟରେ ଶିକ୍ଷାଗତ ଯୋଗ୍ୟତାକୁ ହିଁ ଯାଞ୍ଚ ପରିସର ଭୁକ୍ତକୁ ନେଇ ଯାଞ୍ଚ ଚାଲିଥିଲା। ବିଏଡ ତାଲିମ ଅବା ଜାତି ଓ ଦିବ୍ୟାଙ୍ଗ ପ୍ରମାଣ ପତ୍ରର ଜାଞ୍ଚକୁ ଆଦୌ ଗୁରୁତ୍ୱ ଦିଆଯାଇ ନଥିଲା।ଗଣମାଧମ ସୂଚନା ଅନୁଯାୟୀ ସେ ସମୟରେ ଉପାନ୍ତ ଅଞ୍ଚଳ ରାୟଗଡ଼ା ଜିଲ୍ଲାର ଯାଞ୍ଚ ସମୟରେ ୭୨ଜଣ ଶିକ୍ଷକଙ୍କ ଶିକ୍ଷାଗତ ଓ ତାଲିମ ପ୍ରମାଣ ପତ୍ର ସନ୍ଦେହ ଘେରକୁ ଆସିବାରୁ ୧୨ ଜଣଙ୍କୁ ଚାକିରିରୁ ତୁରନ୍ତ ବହିଷ୍କୃତ କରାଯାଇଥିବା ବେଳେ ୧୯ ଜଣଙ୍କ ପ୍ରମାଣ ପତ୍ରର ସତ୍ୟତା ଜାଣିବା ପାଇଁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ସ୍ଥିତ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ପ୍ରମାଣ ପତ୍ରର କପି ସହ ପ୍ରତି ପ୍ରମାଣପତ୍ର ଯାଞ୍ଚ ପିଛା ଏକ ହଜାର ଟଙ୍କାର ଫି ମଧ ପଠା ଯାଇଥିଲା।ଅବଶିଷ୍ଟ ୫୩ଜଣ ଶିକ୍ଷକମାନଙ୍କ ପ୍ରମାଣ ପତ୍ର ଉତ୍ତର ପ୍ରଦେଶ,ପଶ୍ଚିମବଙ୍ଗ,ଆସାମ,କାଶ୍ମୀର,

ଛତିଶଗଡ଼,ବିହାର,ମଧ୍ୟପ୍ରଦେଶ ଆଦି ବିଭିନ୍ନ ରାଜ୍ୟର ବିଶ୍ୱବିଦ୍ୟାଳୟ ମାନଙ୍କରୁ ଆଣି ଚାକିରି ପାଇଁ ପ୍ରଦାନ କରା ଯାଇଥିବା ପ୍ରମାଣରୁ ଜଣା ପଡ଼ିବା ପରେ ସେସବୁ ବିଦ୍ୟାଳୟକୁ ମଧ୍ୟ ଯାଞ୍ଚ ପାଇଁ ପ୍ରମାଣ ପତ୍ର କପି ପଠାଇବାକୁ ପଦକ୍ଷେପ ନିଆ ଯାଇଥିଲା।ଦୁଇ ଦୁଇ ଥର ପ୍ରମାଣପତ୍ର ଯାଞ୍ଚ ହୋଇଥିଲେ ମଧ୍ୟ ପ୍ରତିଥର ନକଲି ଶିକ୍ଷକ ମାନଙ୍କ କଳା କାରନାମା ପଦାକୁ ଆସୁଥିବା କାରଣରୁ ଯାଞ୍ଚ ପ୍ରକ୍ରିୟାକୁ ନେଇ ସନ୍ଦେହ ଅନେକ ଦୃଢୀଭୂତ ହେଉଥିଲା।ସାଧାରଣରେ ପ୍ରଶ୍ନ ଉଠୁଛି,ଯଦି ଏହି ନକଲି ଶିକ୍ଷକ ମାନଙ୍କ ସମସ୍ତ ପ୍ରମାଣ ପତ୍ର ପ୍ରଥମରୁ ସଠିକ ଭାବେ ଯାଞ୍ଚ ହୋଇ ସେମାନଙ୍କୁ ଚାକିରି ମିଳିଥିଲା ତେବେ ପରବର୍ତ୍ତୀ ଯାଞ୍ଚ ସମୟରେ ଏତେ ସଂଖ୍ୟକ ନକଲି ଶିକ୍ଷକ ସେମାନଙ୍କ ମଧ୍ୟରୁ ବାହାରିଛନ୍ତି କିପରି ନିଯୁକ୍ତି ସମୟରେ ଗଣଶିକ୍ଷା ବିଭାଗର କିଛି ତତ୍କାଳୀନ ଅଧିକାରୀମାନେ ନକଲି ପ୍ରମାଣ ପତ୍ରଧାରି ପାର୍ଥୀ ମାନଙ୍କୁ ଶିକ୍ଷକ ନିଯୁକ୍ତି ଦେଇ ବ୍ୟାପକ ଅର୍ଥ ହେରାଫେରି କରିଥିବା ମନେ ହେଉନାହିଁ କିଯାହା ଫଳରେ ସେ ସମୟରେ ଶିକ୍ଷକ ପଦବୀ ପାଇଁ ଆବେଦନ କରିଥିବା ଅନେକ ଯୋଗ୍ୟ ଆଶାୟୀ ମାନଙ୍କ ଭାଗ୍ୟ ଓ ଭବିଷ୍ୟତ ପ୍ରତି ଘୋର ଅବିଚାର ହୋଇଥିବା ସ୍ପଷ୍ଟ ହୋଇଛି। କମଳରୁ ତ୍ରୁଟି ବାଛିବା ଯାହା ଆଜିକାଲି ଶିକ୍ଷକ ଚାକିରୀରେ ନକଲି ଅସଲି ବାଛିବା ମଧ୍ୟ ସେଇଆ ହୋଇ ଯାଇଥିବା ମନେହୁଏ।ଏସବୁ ଜାଣିଲା ପରେ ଜଣେ ଯୋଗ୍ୟ ଆଶାୟୀ କିପରି ସରକାର ଓ ବିଭାଗୀୟ ନିଯୁକ୍ତି ପ୍ରକ୍ରିୟା ଉପରେ ସହଜରେ ବିଶ୍ୱାସ ରଖିବ।ଆଜିବି ଶୁଣିବାକୁ ମିଳୁଛି ସେତେବେଳର ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀ ମାନଙ୍କ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ନଥିଲା।ଯାହା ଫଳରେ ତଦନ୍ତ ବାଟବଣା ହେବା ସହିତ ବିଭିନ୍ନ ରାଜ୍ୟର ବିଶ୍ୱବିଦ୍ୟାଳୟ ମାନଙ୍କୁ ପଠାଯାଇଥିବା ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ରିପୋର୍ଟ ଏପର୍ଯ୍ୟନ୍ତ ଆସିଛି କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ ଅଛି।ଯଦି ଆସିଥାଏ,ତେବେ ସତ୍ୟ ରିପୋର୍ଟକୁ ସାଧାରଣରେ ପ୍ରକାଶ କରିବା ଉଚିତ।ଅନ୍ୟଥା ସନ୍ଦେହର ବାତାବରଣ ବିଦ୍ୟାଳୟ ସହିତ ଅଭିଭାବକ ମାନଙ୍କ ମନରେ କୁହେଳିକା ସୃଷ୍ଟି କରି ଚାଲିଥିବ।ଯଦି ନକଲି ପ୍ରମାଣ ପତ୍ରର ପ୍ରମାଣ ମିଳିଛି,

ତେବେ ସମଗ୍ର ରାଜ୍ୟରେ ଜାଲ ପ୍ରମାଣ ପତ୍ର ଆଧାରରେ କେତେଜଣ ନକଲି ଶିକ୍ଷକ ଚାକିରୀ ପାଇଥିଲେ ତାହା ସାର୍ବଜନୀନ ହେବା ଉଚିତ୍ ନୁହେଁ କି।ଚାକିରି ପ୍ରଦାନ ପୂର୍ବରୁ କେଉଁ ବିଭାଗୀୟ ଅଧିକାରୀ ସେମାନଙ୍କ ନକଲି ପ୍ରମାଣ ପତ୍ର ଗୁଡ଼ିକ ଜାଞ୍ଚକରି ଅସଲି ଦର୍ଶାଇଥିଲେ,

ସେମାନଙ୍କୁ ପର୍ଦା ଫାର୍ସ କରିବା ଉଚିତ୍ ନୁହେଁ କି ନକଲି ଶିକ୍ଷକ ନିଯୁକ୍ତି ଓ ଲାଞ୍ଚ କାରବାରରେ କିଏ କିଏ ସଂପୃକ୍ତ ଥିଲେ ଜିଲ୍ଲା ଓ ବ୍ଲକ ସ୍ତରରେ ଯାଞ୍ଚ ସମୟରେ ସ୍ୱଚ୍ଛତା ଥିଲା କି ନାହିଁ।ବିଏଡ ତାଲିମ,ଜାତିଗତ ଓ ଦିବ୍ୟାଙ୍ଗ ପତ୍ର ଯାଞ୍ଚ ହୋଇଥିଲା କି ନାହିଁ ଏସବୁ ତଦନ୍ତ ପରେ ବିଭାଗୀୟ ସ୍ୱଚ୍ଛତାକୁ ସ୍ପଷ୍ଟ କରିବାର ଥିଲା।।ଅନ୍ୟ ପକ୍ଷରେ ତଦନ୍ତ ଯଦି ସବୁ ସରିଛି ତେବେ କାର୍ଯ୍ୟାନୁଷ୍ଠାନ କଣ ନିଆଯାଇଛି।ଶୁଣିବାକୁ ମିଳୁଛି ତଦନ୍ତ ରିପୋର୍ଟ ଶୀତଳ ଭଣ୍ଡାରରେ ରହିଛି।ଆଉ ଏସବୁ ନକଲି ଶିକ୍ଷକ ଯାଞ୍ଚ ପ୍ରକ୍ରିୟା ସଲା କୁସ୍ତି ଭଳି ପ୍ରତ୍ୟୟମାନ ହେଉଛି।ଆଜିକୁ ଦୁଇବର୍ଷ ହେବ ତତ୍କାଳୀନ ସରକାର ବଦଳି ଗଲେଣି।ପ୍ରଶାସନିକ ସ୍ତରରେ ଅନେକ ପରିବର୍ତ୍ତନ ହୋଇଛି।ସେତେବେଳେ ବିରୋଧି ଦଳରେ ଥିବା ଦଳ ଆଜି ସରକାରରେ ଅଛନ୍ତି।ସେମାନଙ୍କୁ ଏ ବିଷୟରେ ନିଶ୍ଚୟ ଅବଗତ ଥିବା।ହେଲେ ଶାସନ କାର୍ଯ୍ୟକାଳ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ନକଲି ପ୍ରମାଣପତ୍ର ଧାରି ଶିକ୍ଷକ ମାନଙ୍କ ପର୍ଦା ଫାର୍ସ ହୋଇ ନପରିବା ଦୁଃଖର କଥା।ବିଶେଷକରି ସାଧାରଣ ଜନତା ଓ ଅଭିଭାବକ ମାନଙ୍କ ସନ୍ଦେହ ଦୃଷ୍ଟିରୁ ତଦନ୍ତ ରିପୋର୍ଟ ସାର୍ବଜନୀନ ହେବା ଉଚିତ।ନକଲି ଶିକ୍ଷକ ନିଯୁକ୍ତିରେ ବ୍ୟାପକ ହେରାଫେରି,ଯାଞ୍ଚରେ ଅନିୟମିତା।ଏବଂ ବିଦ୍ୟାଳୟର ସ୍ୱସ୍ଥ ଶୈକ୍ଷଣୀୟ ବାତାବରଣକୁ ବିଚାରକୁ ନେଇ ଯଦି ଏବେର ସରକାର ଏହି ତଦନ୍ତକୁ ସିବିଆଇ,ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ଦ୍ୱାରା କରାନ୍ତେ ତେବେ ଅନେକ ରହସ୍ୟର ଉନ୍ମୋଚନ ହେବା ସହ କମଳରୁ ୯୦ ଭାଗ ତ୍ରୁଟି ବୋଧେ ଉପୁଡ଼ି ଯାଆନ୍ତା।ହୁଏତ ଆମ ରାଜ୍ୟର ଅନେକାଂଶରେ ଶିକ୍ଷକ ମରୁଡି ପଡ଼ି ଯାଆନ୍ତା।ଅଧିକାଂଶ ବୁଦ୍ଧିଜୀବୀ ମାନଙ୍କ କହିବା ଅନୁସାରେ ନକଲି ମାନଙ୍କ ଚେର ଉପାଡ଼ିବାରେ ଗଣଶିକ୍ଷା ବିଭାଗ ପୂର୍ବରୁ ସମ୍ପୂର୍ଣ୍ଣ ବିଫଳ ହୋଇଛି,

ବିଭାଗର ଶୁଦ୍ଧି କରଣ ନିହାତି ଆବଶ୍ୟକ ହୋଇ ପଡ଼ିଛି।ସରକାର ଦୃଷ୍ଟିଦେଲେ ଶିକ୍ଷା ବିଭାଗର ଅନେକ ସଂସ୍କାର ଆସିବ।ଅନ୍ୟଥା ନକଲି ମାନଙ୍କ ହାତରେ ଆମ ସମାଜ ଦିଗଭ୍ରଷ୍ଟ ହୋଇଯିବ।ଆମ ଭବିଷ୍ୟତ ବଂଶଧର ମାନଙ୍କ ଭାଗ୍ୟ ଅନ୍ଧକାର ମଧ୍ୟରେ ଲୀନ ହୋଇଯିବ।

**ମନୋରଞ୍ଜନ ଦଳାଇ**
**(ବରିଷ୍ଠ ସାମ୍ବାଦିକ), ମୁନିଗୁଡ଼ା,ରାୟଗଡ଼ା**

# ନିଜର ଭାବୁଥିବା ମଣିଷ ଆଜି ସବୁଠୁ ଶସ୍ତା

ସମ୍ପର୍କ ଏକ ଏମିତି ଅମୂଲ୍ୟ ବନ୍ଧନ, ଯାହା ସମୟର ନିରନ୍ତର ସ୍ରୋତ ମଧ୍ୟରେ କେବେ ବି ପୁରୁଣା କିମ୍ବା ମୂଲ୍ୟହୀନ ହୁଏନାହିଁ। ପ୍ରେମ, ସ୍ନେହ, ଆଦର, ରାଗ ଓ ଅଭିମାନ – ଏସବୁ ତ ସମ୍ପର୍କର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ। ମାନବୀୟ ସମାଜର ଗଠନ ଏପରି ଯେ, ଆମେ ସମସ୍ତେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଗୋଟିଏ ଗୋଟିଏ ଭାବନାତ୍ମକ ବନ୍ଧନରେ ବାନ୍ଧିହୋଇ ଚାଲିଥାଉ। ଏହି ବନ୍ଧନ କେବଳ ଖୁସି ବାଣ୍ଟିବା ପାଇଁ ନୁହେଁ, ବରଂ ଜୀବନର ଦୁର୍ଦ୍ଦିନ, ବିପଦ-ଆପଦ, ସୁବିଧା-ଅସୁବିଧା ଏବଂ ପ୍ରତିଟି କଠିନ ମୁହୂର୍ତ୍ତରେ କେହି ଜଣେ ନିଜର ମଣିଷ ହୋଇ ଆମ ପାଖରେ ଠିଆ ହୋଇପାରିବ ବୋଲି ଆମେ ଏହି ସମ୍ପର୍କସବୁକୁ ଯତ୍ନର ସହ ଗଢ଼ିତୋଳିଥାଉ। ମାତ୍ର ଆଜିର ସାମ୍ପ୍ରତିକ ଦୁନିଆର ରୀତିନୀତି, ବିଚାରଧାରା ଓ ବ୍ୟବହାର ଅତ୍ୟନ୍ତ ବିଚିତ୍ର, ଜଟିଳ ଏବଂ ଅପ୍ରତ୍ୟାଶିତ। ଯେଉଁ ମାଟି ଓ ସଂସ୍କୃତିରେ ଆନ୍ତରିକତା, ତ୍ୟାଗ ଓ ନିଃସ୍ୱାର୍ଥପର ଭାବନାକୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଥିଲା, ସେହି ସମାଜରେ ଆଜି ସଙ୍କୋଚତା, ସହାନୁଭୂତି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଆପଣ ଯାହା ପାଇଁ ନିଜର ସବୁକିଛି ଉତ୍ସର୍ଗ କରିଦିଅନ୍ତି, ବିନା କୌଣସି ସ୍ୱାର୍ଥ ରଖି କେବଳ ତାଙ୍କର ଟିକିଏ ଖୁସି ପାଇଁ ନିଜର ସୁଖ-ଶାନ୍ତିକୁ ବାଜି ଲଗାଇଦିଅନ୍ତି, ଦୁର୍ଭାଗ୍ୟବଶତଃ ସେହି ନିଜର ଭାବୁଥିବା ଲୋକମାନେ ହିଁ ଆପଣଙ୍କୁ ସବୁଠାରୁ ଅଧିକ କଷ୍ଟ, ନିରାଶା ଓ ଦୁଃଖ ଦିଅନ୍ତି।

ଯେତେବେଳେ ଆମେ କୌଣସି ଜଣେ ବ୍ୟକ୍ତିଙ୍କୁ ନିଜର ଜଣେ ଭଲ ବନ୍ଧୁ, ଶୁଭଚିନ୍ତକ କିମ୍ବା ଜଣେ ସମ୍ମାନାସ୍ପଦ ଗୁରୁଜନ ଭାବେ ହୃଦୟର ସହ ଗ୍ରହଣ କରିନେଉ, ସେତେବେଳେ ଆମେ ସେମାନଙ୍କର ସବୁ କାର୍ଯ୍ୟକୁ ନିଜର କାର୍ଯ୍ୟ ଭାବି ନିଷ୍ଠା ଓ ଶ୍ରଦ୍ଧାର ସହ ସମ୍ପାଦନ କରିବାକୁ ଆଗେଇ ଆସୁ। ସେମାନଙ୍କର କୌଣସି ଆହ୍ୱାନ ବା ଆବଶ୍ୟକତା ଆମ ପାଇଁ ଆଦେଶ ପାଲଟିଯାଏ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଆମର ଏହି ନିଃସ୍ୱାର୍ଥପର ସେବା ପ୍ରତିବଦଳରେ ଆମକୁ ମିଳେ କେବଳ ଅଣଦେଖା, ହେୟଜ୍ଞାନ ଓ ମାନସିକ ଯନ୍ତ୍ରଣା। ସମାଜର ମାନସିକତା ଆଜି ଏପରି ଏକ ବିପଜ୍ଜନକ ସ୍ତରକୁ ଚାଲିଯାଇଛି ଯେ, ଜଣଙ୍କର ସରଳତା ଓ ନିଃସ୍ୱାର୍ଥପର ମନୋଭାବକୁ ଲୋକମାନେ ତାର ସାମର୍ଥ୍ୟହୀନତା କିମ୍ବା ଦୁର୍ବଳତା ବୋଲି ଧରିନିଅନ୍ତି। ଅଧିକ ନିଜର ଦେଖାଇଲେ, ନିଜଆଡ଼ୁ ସହଯୋଗର ହାତ ବଢ଼ାଇଲେ ଲୋକେ ସେହି ମଣିଷଟିକୁ ଅତି ଶସ୍ତା ଓ ଅନାବଶ୍ୟକ ବୋଲି ଭାବିବାକୁ ଆରମ୍ଭ କରନ୍ତି। ସେମାନଙ୍କ ମନରେ ଏପରି କୁତ୍ସିତ ସନ୍ଦେହ ଜାତ ହୁଏ ଯେ, ହୁଏତ ଏହି ବ୍ୟକ୍ତିଜଣକ କୌଣସି ନିଜସ୍ୱ ସ୍ୱାର୍ଥ ବା ସୁବିଧା ହାସଲ ପାଇଁ ଏତେ ସବୁ କରୁଛି। ଜଣଙ୍କର ନିର୍ମଳ ଓ ପବିତ୍ର ଭାବନା ଉପରେ ସ୍ୱାର୍ଥପରତାର ଦାଗ ଲଗାଇବାକୁ ସେମାନେ ଆଦୌ ସଂକୋଚ କରନ୍ତି ନାହିଁ। ସେମାନେ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି ଯେ, ସଂସାରରେ ଏମିତି ବି କିଛି ମଣିଷ ଅଛନ୍ତି, ଯେଉଁମାନେ କୌଣସି ଆଶା ନରଖି କେବଳ ସ୍ନେହ, ପ୍ରେମ ଓ ଆପଣାପଣ ପାଇଁ ହିଁ ନିଜର ଶ୍ରମ, ସମୟ ଓ ଶକ୍ତି ତ୍ୟାଗ କରନ୍ତି।

ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି, ଆଜିର ମଣିଷ ସେହିମାନଙ୍କୁ ଅଧିକ ଆଦର, ସମ୍ମାନ ଓ ପ୍ରାଧାନ୍ୟ ଦିଏ, ଯେଉଁମାନେ ସେମାନଙ୍କ ପ୍ରତି ଘୃଣା ଭାବ ରଖନ୍ତି, ପଛରେ ସମାଲୋଚନା କରନ୍ତି କିମ୍ବା ଖୋଲାଖୋଲି ଶତ୍ରୁତା ଓ ବିରୋଧ କରନ୍ତି। ଏହି ମାନସିକତା କେବଳ ବ୍ୟକ୍ତିଗତ ବନ୍ଧୁତା କିମ୍ବା ପରିବାର ମଧ୍ୟରେ ସୀମିତ ହୋଇ ରହିନାହିଁ ବରଂ ଆମ ପ୍ରଶାସନିକ ଓ ସାମାଜିକ ବ୍ୟବସ୍ଥାର ପ୍ରତ୍ୟେକଟି ସ୍ତରରେ ଗଭୀର ଭାବେ ବ୍ୟାପିଯାଇଛି। ରାଜନୀତି କ୍ଷେତ୍ରକୁ ଅନୁଧ୍ୟାନ କଲେ ଏହାର ପ୍ରତ୍ୟକ୍ଷ ଓ ଜ୍ୱଳନ୍ତ ପ୍ରମାଣ ମିଳିଥାଏ। ଜଣେ ନିଷ୍ଠାପର, ସଚ୍ଚୋଟ କର୍ମୀ ଜଣେ ନେତାଙ୍କୁ ଜିତାଇବା ପାଇଁ ନିଜର ଦିନରାତି, ପରିଶ୍ରମ, ସମ୍ପତ୍ତି ଓ ସର୍ବସ୍ୱ ଢାଳିଦିଏ। ନିଜର ବ୍ୟକ୍ତିଗତ ସୁଖକୁ ପଛରେ ପକାଇ ସେ ଦଳ ଓ ନେତାଙ୍କ ପାଇଁ ଲଢ଼େ। ମାତ୍ର ନିର୍ବାଚନ ଜିତି କ୍ଷମତାସୀନ ହେବା ପରେ, ସେହି ରାଜନୈତିକ ବ୍ୟକ୍ତିଜଣକ ନିଜର ସେହି ସଚ୍ଚୋଟ କର୍ମୀର ରକ୍ତଭିଜା ପରିଶ୍ରମ ଓ ତ୍ୟାଗକୁ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି। ଅନ୍ୟପଟେ, ଯେଉଁ ମଣିଷଟି ତାଙ୍କୁ ଦିନରାତି ଘୃଣା କରୁଥିଲା, ତାଙ୍କ ବିରୋଧରେ ବିଷପାନ କରାଉଥିଲା, ସେ ଯଦି ପରବର୍ତ୍ତୀ ସମୟରେ କୌଣସି ସ୍ୱାର୍ଥ ରଖି ଟିକିଏ ମିଠା କଥା କହି ପାଖକୁ ଆସିଯାଏ, ତେବେ ସେହି ନେତାଜଣକ ନିଜର ପ୍ରକୃତ କର୍ମୀଙ୍କୁ ପାସୋରି ଦେଇ ସେହି ବିରୋଧୀ ମଣିଷର ସବୁ କାମ ପ୍ରଥମେ କରିଦିଅନ୍ତି।

ଏହି କଳୁଷିତ ଓ ବ୍ୟବସାୟିକ ବ୍ୟବସ୍ଥା ଅଫିସ, କର୍ମକ୍ଷେତ୍ରଠାରୁ ଆରମ୍ଭ କରି ସାମାଜିକ ଜୀବନର ପ୍ରତିଟି ମୋଡ଼ରେ ସମାନ ଭାବେ ଦେଖିବାକୁ ମିଳୁଛି। ଯେଉଁମାନେ ବିନା ସ୍ୱାର୍ଥରେ, କୌଣସି ବାହାସ୍ଫୋଟ ନମାରି, ନିଜର କାର୍ଯ୍ୟକୁ ପବିତ୍ର କର୍ତ୍ତବ୍ୟ ଭାବି ଚୁପଚାପ୍? ନିଜର ଶ୍ରେଷ୍ଠ ଯୋଗଦାନ ଦେଇଚାଲନ୍ତି, ସେମାନଙ୍କୁ ସମସ୍ତେ ଅଣଦେଖା କରନ୍ତି। ଆଜିର ଯୁଗରେ ଅସଲି ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଆନ୍ତରିକତାଠାରୁ ଦେଖାଣିଆ ଚାଟୁକାରିତା, ମିଥ୍ୟା ପ୍ରଶଂସା ଓ ମିଠା କଥାକୁ ଅଧିକ ପ୍ରାଧାନ୍ୟ ମିଳୁଛି। ମାତ୍ର ଆମକୁ ମନେରଖିବାକୁ ହେବ ଯେ, ଏହା ଏକ ସୁସ୍ଥ ଓ ଆଦର୍ଶ ସମାଜର ଲକ୍ଷଣ ଆଦୌ ନୁହେଁ। ଯେଉଁମାନେ ଆମ ପାଇଁ, ଆମର ସୁଖ-ସମୃଦ୍ଧି ଓ ପ୍ରଗତି ପାଇଁ ବିନା କୌଣସି ସ୍ୱାର୍ଥରେ ନିଜକୁ ଉତ୍ସର୍ଗ କରିଛନ୍ତି, ସେମାନଙ୍କୁ ଆଦର, ଶ୍ରଦ୍ଧା ଓ ନିଜର କୃତଜ୍ଞତା ଜଣାଇବା ଆମର ନୈତିକ ଦାୟିତ୍ୱ। ନିଃସ୍ୱାର୍ଥପର ମଣିଷମାନଙ୍କୁ ଯଦି ଆମେ ଏହିପରି ଭାବେ ଅବହେଳା ଓ ହେୟଜ୍ଞାନ କରିବା, ତେବେ ଦିନେ ମାନବ ସମାଜରୁ ପ୍ରେମ, ସମ୍ପର୍କ, ବିଶ୍ୱାସ ଓ ଆନ୍ତରିକତା ସମ୍ପୂର୍ଣ୍ଣ ଲୋପ ପାଇଯିବ।ମଣିଷର ମହାନତା ତାହାର ସମ୍ପତ୍ତି କିମ୍ବା ପଦବୀରେ ନୁହେଁ, ବରଂ ସେ ତାର ଜୀବନରେ ଥିବା ନିଃସ୍ୱାର୍ଥ ମଣିଷମାନଙ୍କୁ କେତେ ସମ୍ମାନ ଦେଇପାରୁଛି, ସେଥିରେ ନିର୍ଭର କରେ। କାରଣ, ସ୍ୱାର୍ଥର ସାଥୀ ଅନେକ ମିଳିବେ କିନ୍ତୁ ନିଃସ୍ୱାର୍ଥରେ ସାଥୀ ହୋଇ ଠିଆ ହେଉଥିବା ମଣିଷ ବାରମ୍ବାର ମିଳନ୍ତି ନାହିଁ। ତେଣୁ ସମୟ ଆସିଛି, ଆମକୁ ଆମର ଏହି ମାନସିକ ଭୁଲକୁ ସୁଧାରିବାକୁ ହେବ, ସାରା ଦୁନିଆର ମିଥ୍ୟା ଆବରଣ ଭିତରୁ ପ୍ରକୃତ ଆପଣାର ନିଃସ୍ୱାର୍ଥପର ମଣିଷଙ୍କୁ ଚିହ୍ନି ସେମାନଙ୍କ ତ୍ୟାଗର ସଠିକ୍? ମୂଲ୍ୟ ଓ ସମ୍ମାନ ଦେବାକୁ ପଡ଼ିବ।

**ଅଖିଳ ତରାଇ, ଗଞ୍ଜାମ,**

# ପବିତ୍ର ଉଦ୍ଭିଦ ଦୂବର ଆଧ୍ୟାତ୍ମିକ ଓ ଔଷଧୀୟ ଶକ୍ତି

ହିନ୍ଦୁ ଧର୍ମରେ ଏକ ପ୍ରକାରର ଲଟା ଜାତୀୟ ଉଦ୍ଭିଦ ଯାହାକୁ ଓଡ଼ିଆରେ ଦୂବ କୁହାଯାଏ, ତାହାର ଆମ ସନାତନ ଧର୍ମରେ ଅତ୍ୟନ୍ତ ମହତ୍ତ୍ୱ ରହିଛି। ଦୁବ ବିନା କୌଣସି ଶୁଭ ମାଙ୍ଗଳିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ। ଲୋକମାନେ ପ୍ରାୟତଃ ଦୁବକୁ ଘାସ ବୋଲି ଭାବନ୍ତି କିନ୍ତୁ ଏହା ସତ୍ୟ ନୁହେଁ, ଏହା ଏକ ପବିତ୍ର ଗୁଳ୍ମ । ଦୁବ ହେଉଛି ଏକ ପ୍ରକାରର ଘାସ ଯାହା ସବୁଜ ରଙ୍ଗର ଏବଂ ପୃଥିବୀରେ ସବୁଠି ସବୁଆଡ଼େ ବ୍ୟାପିଥାଏ ଓ ଏହା ଉପରକୁ ନ ଉଠି ଭୂମିରେ ମାଡି ଥାଏ । ପୁରାଣ ଅନୁସାରେ, ଦୂବ ସମୁଦ୍ର ମନ୍ଥନରୁ ଉତ୍ପନ୍ନ ହୋଇଥିଲା। ଏହାକୁ ସମୁଦ୍ର ମନ୍ଥନ ସମୟରେ ଉତ୍ପାଦିତ ଅନ୍ୟ ୮୪ ରତ୍ନ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଆମ ଶାସ୍ତ୍ରୀୟ ମାନ୍ୟତା ଓ ଏକ କାହାଣୀ ଅନୁସାରେ, ଯେତେବେଳେ ଦେବତା ଏବଂ ରାକ୍ଷସମାନେ ସମୁଦ୍ର ମନ୍ଥନ ସମୟରେ କ୍ଳାନ୍ତ ହୋଇଗଲେ, ଭଗବାନ ବିଷ୍ଣୁ ମନ୍ଦାର ପର୍ବତକୁ ତାଙ୍କ ଜଙ୍ଘରେ ରଖି ନିଜେ ସମୁଦ୍ର ମନ୍ଥନ କରିବାକୁ ଲାଗିଲେ। ମନ୍ଦାର ପର୍ବତ ସହିତ ଘର୍ଷଣ ଯୋଗୁଁ ଭଗବାନ ବିଷ୍ଣୁଙ୍କ ଜଙ୍ଘର ଏକ କେଶ ଭାଙ୍ଗିଗଲା, ଯାହା ଦୁବ କୁ ଜନ୍ମ ଦେଲା। ନାରାୟଣଙ୍କ ଶରୀରର ଏକ ଅଂଶ ହୋଇଥିବାରୁ, ଏହାକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଅମୃତ ଗ୍ରହଣ କରିବା ପରେ ଯେତେବେଳେ ସମୁଦ୍ର ମନ୍ଥନ ଶେଷ ହେଲା, ନାରାୟଣ ମୋହିନୀ ରୂପ ନେଇ କିଛି ସମୟ ପାଇଁ ଏହି ଦୁବ ଅମୃତ ରଖିଥିଲେ। ଅମୃତର ସ୍ପର୍ଶ ଯୋଗୁଁ ଏହାର ପବିତ୍ରତା ଆହୁରି ବୃଦ୍ଧି ପାଇଲା ଏବଂ ଏହି ଗଛ ଅମର ହୋଇଗଲା। ସେଥିପାଇଁ ଦୁବ ଏକମାତ୍ର ଗଛ ଯାହା ଯେକୌଣସି ପରିସ୍ଥିତିରେ କାହାର ସାହାଯ୍ୟ ବିନା ନିଜେ ବଢ଼ିପାରେ। ଏହା ଦୁର୍ବା, ଅମୃତ, ଅନନ୍ତ, ଗୌରୀ, ମହୌଷଧି, ଶତପର୍ବ, ଭାର୍ଗବୀ ଇତ୍ୟାଦି ନାମରେ ମଧ୍ୟ ଜଣାଶୁଣା। ସମୁଦ୍ର ମନ୍ଥନ ପରିପ୍ରେକ୍ଷୀରେ, ଆମର ଧାର୍ମିକ ଗ୍ରନ୍ଥଗୁଡ଼ିକରେ ଦୁର୍ବା ପାଇଁ ଏକ ଶ୍ଲୋକ ଅଛି। ଦୁବ ସର୍ବଦା ଭୂମିରେ ବଢ଼େ ଏବଂ ଉପରକୁ ଉଠି ନ ଥାଏ। ଏହାର ଅର୍ଥ ଯେ ଯେଉଁମାନେ ମୁଣ୍ଡ ନଇଁ କରି ଚାଲିଥାନ୍ତି ସେମାନଙ୍କର କୌଣସି କ୍ଷତି ହୋଇପାରେ ନାହିଁ, ଯେପରି ବନ୍ୟା ଆସିଲେ ଘାସ ପଡ଼ିଯାଏ ଏବଂ ବନ୍ୟା ତା ଉପରେ ଚାଲିଯାଏ। ଏହା ଘାସକୁ ଆହୁରି ବଢ଼ିବାକୁ ଦିଏ, କିନ୍ତୁ ବଡ଼ ବଡ଼ ଗଛ ଯାହା ବଙ୍କା ହୁଏ ନାହିଁ ତାହା ବନ୍ୟା ଦ୍ୱାରା ଭାସିଯାଏ। ଦୁବ କେବଳ ପୂଜାରେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ବିନା କୌଣସି ଯଜ୍ଞ ସମ୍ପୂର୍ଣ୍ଣ ହୁଏ ନାହିଁ। ଏହା ବିଶ୍ୱାସ କରାଯାଏ ଯେ ଦୁବ ଯଜ୍ଞର ତିନୋଟି ପ୍ରମୁଖ ଦୋଷକୁ ନଷ୍ଟ କରେ, ଯଥା ପରମାଣୁ, କର୍ମ ଏବଂ ଭୌତିକ। ହିନ୍ଦୁ ରୀତିନୀତି ଏବଂ ସମସ୍ତ ୧୬ ଧର୍ମକାର୍ଯ୍ୟରେ ଦୁବ ବ୍ୟବହାର କରାଯାଏ। ଦୁବ ବିନା ଯେକୌଣସି ଶୁଭ ଅବସରକୁ ଅପୂର୍ଣ୍ଣ ବୋଲି ବିବେଚନା କରାଯାଏ।

ମହିଳାମାନଙ୍କୁ ଦୁବ ପୂଜା କରିବାକୁ ବିଶେଷ ଭାବରେ ଉତ୍ସାହିତ କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ସେମାନଙ୍କର ବୈବାହିକ ସୁଖ ନିଶ୍ଚିତ ହୁଏ। ଆମେ ସୀତା ଏବଂ ଦମୟନ୍ତୀ ପରି ମହାପତ୍ନୀମାନଙ୍କ ଦ୍ୱାରା ଦୁବ ପୂଜା ବିଷୟରେ ବିଭିନ୍ନ ଶାସ୍ତ୍ରରେ ମଧ୍ୟ ଦେଖାଯାଏ । ଏହା ବିଶ୍ୱାସ କରାଯାଏ ଯେ ଦୁବ ସହିତ ପୂଜା କରୁଥିବା ଯେକୌଣସି ମହିଳା ତାଙ୍କ ସ୍ୱାମୀଙ୍କ ସହିତ ତାଙ୍କ ସ୍ୱାମୀଙ୍କ ବାସସ୍ଥାନ ପ୍ରାପ୍ତ କରନ୍ତି। ଯଦିଓ ଦୁବ ସମସ୍ତ ଦେବତାଙ୍କ ପ୍ରିୟ, କିନ୍ତୁ ବିଶେଷ କରି ଏହା ଭଗବାନ ଗଣେଶଙ୍କ ପାଇଁ ଅଧିକ ପ୍ରିୟ। ଏହି ସମ୍ବନ୍ଧୀୟ ଏକ କାହାଣୀ ପୁରାଣରେ ଉଲ୍ଲେଖ ଅଛି। ଜଣେ ଅସୁର ଯାହାର ନାମ ଅନଲାସୁର, ଯିଏ ଅଗ୍ନିକୁ ନିୟନ୍ତ୍ରଣ କରିଥିଲେ। ଏହାର ଶକ୍ତି ଦ୍ୱାରା ସେ ସମଗ୍ର ବ୍ରହ୍ମାଣ୍ଡକୁ ଯନ୍ତ୍ରଣା ଦେଇଥିଲେ। ସ୍ୱୟଂ ଭଗବାନ ଇନ୍ଦ୍ର ମଧ୍ୟ ତାଙ୍କୁ ପରାସ୍ତ କରିପାରିଲେ ନାହିଁ। ତା'ପରେ, ସମସ୍ତ ଦେବତା ଭଗବାନ ଶିବଙ୍କ ଆଶ୍ରୟ ନେଇଥିଲେ, ଭଗବାନ ମହାଦେବ ତାଙ୍କ ପୁତ୍ର ଭଗବାନ ଗଣେଶଙ୍କୁ ପୃଥିବୀର କଲ୍ୟାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିତାଙ୍କ ଆଜ୍ଞା ପାଳନ କରି, ଭଗବାନ ଗଣେଶ ଅନଲାସୁର ସହିତ ଯୁଦ୍ଧ କରିଥିଲେ ଏବଂ ତାଙ୍କୁ ଜୀବନ୍ତ ଗିଳି ଦେଇଥିଲେ, ଦେବତାମାନଙ୍କୁ ତାହାର ଭୟରୁ ମୁକ୍ତ କରିଥିଲେ। ଯେତେବେଳେ ଭଗବାନ ଗଣେଶ ଅନଲାସୁରକୁ ଗିଳି ଦେଇଥିଲେ, ତାପରେ ତାଙ୍କ ପେଟରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ତା'ପରେ ମହର୍ଷି କଶ୍ୟପ ତାଙ୍କୁ ଖାଇବାକୁ ୨୧ ଗୋଟି ଦୁବ ଦେଇଥିଲେ, ଯାହାକୁ ଖାଇବା ପରେ ସେ ସେହି ଉତ୍ତାପରୁ ମୁକ୍ତି ପାଇଥିଲେ। ସେବେଠାରୁ ଭଗବାନ ଗଣେଶଙ୍କୁ ଦୁବ ଅର୍ପଣ କରିବାର ଏକ ବିଶେଷ ପରମ୍ପରା ଅଛି।

ସାଧାରଣତଃ ଭଗବାନ ଗଣେଶଙ୍କୁ ୧୧ଟି ଦୁର୍ବା ଅର୍ପଣ କରାଯାଏ ଏବଂ ପ୍ରତ୍ୟେକ ମନ୍ତ୍ର ସହିତ ତାଙ୍କର ଗୋଟିଏ ମନ୍ତ୍ର ଜପ କରାଯାଏ। ଭଗବାନ ଗଣେଶଙ୍କ ଏହି ୧୧ଟି ମନ୍ତ୍ର ହେଉଛି – ଓମ୍? ଗଣ ଗଣପତାୟ ନମଃ, ଓମ୍? ଗଣାଧିପାୟ ନମଃ, ଓମ୍? ଉମାପୁତ୍ରାୟ ନମଃ, ଓମ୍? ବିଘ୍ନନାଶନାୟ ନମଃ, ଓମ୍? ବିନାୟକାୟ ନମଃ, ଓମ୍? ଈଶ୍ପୁତ୍ରାୟ ନମଃ, ଓମ୍? ସର୍ବସିଦ୍ଧିପ୍ରଦାୟ ନମଃ, ଓମ୍? ଏକାଦନ୍ତୟ ନମଃ, ଓମ୍? ଇଭାବକ୍ତ୍ରାୟ ନମଃ, ଓମ୍? ମୁଷବାହନୟା ନମଃ ଏବଂ ଓମ୍? କୁମାରଗୁରବେ ନମଃ। ଶ୍ରୀ ଗଣେଶଙ୍କ ପାଇଁ ଔଷଧ ବ୍ୟବହାର କରିଥିବା ଦୁବକୁ ଆୟୁର୍ବେଦରେ ଗୁରୁତ୍ୱ ଦିଆଯାଏ।ଦୁବକୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ବୋଲି ବିବେଚନା କରାଯାଏ। କୁହାଯାଏ ଯେ, ତ୍ରିଫଳ ବ୍ୟତୀତ, ଦୁବ ହେଉଛି ଏକମାତ୍ର ଔଷଧି ଯାହା ତିନୋଟି ମୁଖ୍ୟ ରୋଗକୁ ଦୂର କରିପାରେ, ତାହା ହେଲା ବାତ, ପିତ୍ତ ଏବଂ କଫ। ଏହାକୁ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ୍? ଭାବରେ ବିବେଚନା କରାଯାଏ, ଏବଂ ଏହାର ସେବନ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଏହା ବ୍ୟତୀତ, ଦୁବ ଅନିଦ୍ରା ଏବଂ ଚର୍ମ ରୋଗ ସହିତ ଲଢ଼ିବାରେ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ରକ୍ତକୁ ଶୁଦ୍ଧ କରେ ଏବଂ ଗଳା ସମ୍ବନ୍ଧୀୟ ରୋଗ ପାଇଁ ମଧ୍ୟ ବ୍ୟବହୃତ ହୁଏ। ଦୁବର ସବୁଠାରୁ ପ୍ରସିଦ୍ଧ ଗୁଣ ହେଉଛି ଦୃଷ୍ଟିଶକ୍ତି ଉନ୍ନତ କରିବା। କୁହାଯାଏ ଯେ ସକାଳୁ ସକାଳୁ ଦୁବରେ ଖାଲି ପାଦରେ ଚାଲିବା ଦ୍ୱାରା ଦୁର୍ବଳ ଦୃଷ୍ଟିଶକ୍ତି ମଧ୍ୟ ପୁନରୁଦ୍ଧାର ହୁଏ। ଏହା ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ଅଭ୍ୟାସ କରାଯାଉଥିବା ଏକ ପରୀକ୍ଷିତ ଏବଂ ପରୀକ୍ଷିତ ଉପଚାର। ସାମଗ୍ରିକ ଭାବରେ, ଦୂର୍ବା ହିନ୍ଦୁ ଧର୍ମର ସବୁଠାରୁ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ଔଷଧି ମଧ୍ୟରୁ ଗୋଟିଏ, ଯାହା କେବଳ ପୂଜା ଏବଂ ରୀତିନୀତିରେ ନୁହେଁ ବରଂ ଚିକିତ୍ସା ବିଜ୍ଞାନରେ ମଧ୍ୟ ବ୍ୟବହୃତ ହୁଏ। ଏହା ଏହି ଜଗତରେ ପ୍ରକୃତିରୁ ଏକ ବରଦାନ ପରି।

**ଡଃ ଅମୂଲ୍ୟ କୁମାର ପଣ୍ଡା, ଅରଙ୍ଗାବାଦ ବରୀ ଯାଜପୁର**

# ହେ ମନୁଷ୍ୟ !

ମୁଁ ଜାଣେ, ତୁମେ ମନୁପୁତ୍ର । ତୁମେ ଏ ସୃଷ୍ଟିର ଶ୍ରେଷ୍ଠପ୍ରାଣୀ । ମାନବିକତା ଥିବା ହେତୁ ତୁମେ ମନୁଷ୍ୟ । ଆଚାର-ବିଚାର-ଦୟା-କ୍ଷମା-ସ୍ନେହ-ପ୍ରେମ ଉତ୍ତମଗୁଣର ପରିପୂର୍ଣ୍ଣ ଅଧିକାରୀ ହେତୁ ତୁମେ ଉତ୍ତମ ପୁରୁଷ । ଅନ୍ୟର ଦୁଃଖରେ ଦୁଃଖୀ ଏବଂ ଅନ୍ୟର ସୁଖରେ ସୁଖୀ ତୁମର ସ୍ୱଭାବ । ମନେପଡେ ସାମାନ୍ୟ ପକ୍ଷୀଟିଏ ପାଇଁ ଦିନେ ଶିବିରାଜା ସ୍ୱ ଶରୀରରୁ ଖଣ୍ଡ ଖଣ୍ଡ ମାଂସ ଟେକି ଦେଇଥିଲେ ଅନ୍ୟର ଜୀବନକୁ ରକ୍ଷା କରିବାକୁ ଯାଇ । ସେ ଭୁଲି ଯାଇଥିଲେ ସେ ଏ ସୃଷ୍ଟିର ଶ୍ରେଷ୍ଠ ଜୀବବୋଲି । ଜୀବେ ଦୟା ଉକ୍ତିକୁ ସାକାର କରିବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ।ସେପରି ସନ୍ଥ କବି ଭୀମଭୋଇ ନିଜର ଆନ୍ତରିକ ଭାବକୁ ପ୍ରକାଶିତ କରିବାକୁ ଯାଇ କହିଛନ୍ତି ଯେ –

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ

ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ॥

କିନ୍ତୁ ହେ ମନୁଷ୍ୟ ମାନେ ଆଜି ଭୁଲି ଯାଇଛ ! ତୁମର ମାନବିକତାକୁ ! ତୁମେ ଭୁଲି ଯାଇଛ ତୁମର ସୁଗୁଣକୁ ! ତୁମେ ଭୁଲି ଯାଇଛ ତୁମ ଦିବ୍ୟତ୍ୱକୁ ! ସାମାନ୍ୟ ଜିହ୍ୱା ଲାଳସା ପାଇଁ । ଭାରି ଦୁଃଖ ଲାଗେ ! ତୁମେ ନରରୁ ସୁର ହୋଇପାରିଲ ନାହିଁ କିନ୍ତୁ ନରରୁ ଅସୁର ହୋଇଯାଇଛ । ମୋର ସାମାନ୍ୟ ମାଂସ ଟିକକ ପାଇବା ନିମନ୍ତେ । ମୋତେ ତିଳ ତିଳ କରି ହତ୍ୟା କରୁଛ ।ଧିକ୍କାର ତୁମ ବିରତ୍ୱକୁ ,ଧିକ୍କାର ପୁରୁଷତ୍ୱକୁ । ତୁମେ ମନେ ରଖ ମୁଁ ବି ସେହି ସ୍ରଷ୍ଟାଙ୍କ ସୃଷ୍ଟି । ତୁମ ମାନଙ୍କର ବଞ୍ଚିବାର ଯେତିକି ଅଧିକାର ରହିଛି ଅଛି , ସେପରି ମୋର ମଧ୍ୟ ଏ ସଂସାରେ ବଞ୍ଚିବାର ସେତିକି ଅଧିକାର ରହିଛି । ତେବେ.... ମାନବ ହୋଇ ଅମାନବୀୟ ବ୍ୟବହାର ମୋ ପାଖରେ କାହିଁକି ? କାରଣ ମୁଁ ନିଃସହାୟ ବୋଲି ! ମୁଁ ତୁମ ଭାଷାରେ କହିପାରେନା ବୋଲି । ଏହା କଣ ମୋର ଦୋଷ .

ଦିନେ ନିଶ୍ଚୟେ କାଳଚକ୍ର ଘୂରିବ । ତୁମ କର୍ମ ଫଳ ତୁମକୁ ନିଶ୍ଚୟେ ଗ୍ରାସିବ, ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ହେଉ । ମୁଁ ଜାଣେ ନିର୍ବଳର ବଳ ସ୍ୱୟଂ ଈଶ୍ୱର । ସେ ତୁମକୁ ତୁମ କୃତ କର୍ମର ଫଳ ନିଶ୍ଚୟେ ତ୍ରୀତାପର ତାପରେ ସୁଧ ମୂଳ ସହ ପ୍ରଦାନ କରିବେ ।

**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
**ଆସିକା, ଗଞ୍ଜାମ ।**

## ଲଗାଣ ବର୍ଷା ନେଲା ଜୀବନ

# କାନ୍ଥ ଭୁସୁଡ଼ି ମହିଳା ମୃତ, ସରକାରୀ ସହାୟତା ଦାବି

ମୁନିଗୁଡା ,୩୦୭(ଆନିସ) : ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଲା ଥାନା ରାଣୀପିଣ୍ଡା ପଞ୍ଚାୟତର ବାଘଡ଼ଙ୍ଗରି ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଘଟିଛି ଏକ ହୃଦୟବିଦାରକ ଘଟଣା। ଲଗାତାର ବର୍ଷାରେ ଦୁର୍ବଳ ହୋଇପଡ଼ିଥିବା ଏକ କାନ୍ଥ ହଠାତ୍? ଭୁସୁଡ଼ି ପଡ଼ିବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ଘଟଣା ପରେ ସମଗ୍ର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ବାଘଡ଼ଙ୍ଗରି ଗ୍ରାମର ୨୬ ବର୍ଷୀୟ ବିବାହିତ ମହିଳା ରୁକୁଣି ବଛା (ଗୌଡ଼) ଭୋର ସମୟରେ ଶୌଚ ସାରି ଘରକୁ ଫେରୁଥିବା ବେଳେ ଘର ପାଖରେ ଥିବା ଏକ ପୁରୁଣା



କାନ୍ଥ ତାଙ୍କ ଉପରେ ହଠାତ୍? ଭୁସୁଡ଼ି ପଡ଼ିଥିଲା। କାନ୍ଥ ତଳେ ଚାପି ହୋଇଯାଇଥିବା ରୁକୁଣିଙ୍କୁ ଗ୍ରାମବାସୀ ତୁରନ୍ତ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଗୁରୁତର ଆଘାତ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ଖବର ପାଇ ଅମ୍ବାଦଳାର ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ। ସେହିପରି ସ୍ଥାନୀୟ କଂଗ୍ରେସ ଯୁବନେତା ତଥା ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡ଼ାଲ ମଧ୍ୟ ମୁନିଗୁଡ଼ା ବିଡିଓ ଓ ଅମ୍ବାଦଲା ରାଜସ୍ୱ ଅଧିକାରୀଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଥିବା ଜଣାପଡ଼ିଛି।

ରୁକୁଣି କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବ୍ଲକ ଏସ୍?. ନଳା ଗ୍ରାମର ବୃନ୍ଦାବନ ଗୌଡ଼ଙ୍କ ଝିଅ। ତାଙ୍କର ବିବାହ ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ବାଘଡ଼ଙ୍ଗରି ଗ୍ରାମର ଭରତ ବଛାଙ୍କ ପୁଅ ସାନୁର୍ଜ୍ୟ ବଛାଙ୍କ ସହ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ କିଛିଦିନ ଧରି ଲଗାତାର ବର୍ଷା ଯୋଗୁଁ କାନ୍ଥଟି ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲା। ଭିଜା ମାଟି ଖସିଯିବା ସହ କାନ୍ଥଟି ହଠାତ୍? ଭୁସୁଡ଼ି ପଡ଼ିବାରୁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଉଛି।

ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ପରିବେଶ ସୃଷ୍ଟି ହୋଇଛି। ଲଗାତାର ବର୍ଷା ସମୟରେ ପୁରୁଣା ଓ ବିପଦଜନକ କାନ୍ଥ ଏବଂ ମାଟି ଘରକୁ ଚିହ୍ନଟ କରି ପ୍ରଶାସନ ପକ୍ଷରୁ ସୁରକ୍ଷାମୂଳକ ପଦକ୍ଷେପ ନେବା ସହ ମୃତକଙ୍କ ପରିବାରକୁ ଯଥୋଚିତ ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ପଞ୍ଚାୟତ ସ୍ତରରେ ସଫେଇ ଅଭିଯାନ, ପାତ୍ରପୁର ସହରରେ କୁଢ଼ କୁଢ଼ ଅଳିଆ ଆବର୍ଜନା

### 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' କାର୍ଯ୍ୟକ୍ରମ ନେଇ ଉଠିଲା ପ୍ରଶ୍ନ

ପାତ୍ରପୁର, ୩୦।୭ (ଆନିସ):ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ, ସୁନ୍ଦର ଓ ପରିମଳମୟ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' କାର୍ଯ୍ୟକ୍ରମ ଜାରି ରହିଛି। ପ୍ରତ୍ୟେକ ମଙ୍ଗଳବାର ବିଭିନ୍ନ ପଞ୍ଚାୟତର ଗୋଟିଏ ଗ୍ରାମକୁ ଚିହ୍ନଟ କରି ସ୍ଥାନୀୟ ଜନସାଧାରଣ, ଜନପ୍ରତିନିଧି ଓ ପ୍ରଶାସନିକ କର୍ମଚାରୀଙ୍କୁ ନେଇ ସଫେଇ ଅଭିଯାନ କରାଯିବା ସହ ପରିମଳ ବ୍ୟବସ୍ଥା ନେଇ ସଚେତନତା ସୃଷ୍ଟି କରାଯାଉଛି। ସ୍ୱଚ୍ଛତା ନେଇ ଏଭଳି ଅଭିଯାନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ।



ହେଲେ ପାତ୍ରପୁର ବ୍ଲକ ସଦରମହକୁମା ପାତ୍ରପୁରରେ ସ୍ୱଚ୍ଛତାର ବାସ୍ତବ ଚିତ୍ର ଏହାଠାରୁ ଭିନ୍ନ। ପାତ୍ରପୁର ସହରର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଥିବାରୁ ପରିବେଶ ଦୂଷିତ ହେବା ସହ ଦୁର୍ଗନ୍ଧରେ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ସକାଳ ପାଇଲେ ପାତ୍ରପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ହଜାର ହଜାର ଲୋକ ବିଭିନ୍ନ କାମରେ ସଦରମହକୁମାକୁ ଆସୁଥିବା ବେଳେ ସହରର ଏଭଳି ଅପରିଷ୍କାର ପରିବେଶ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ବିଶେଷକରି ବ୍ଲକ କାର୍ଯ୍ୟାଳୟକୁ ଯାଉଥିବା ରାସ୍ତା କଡ଼ରେ ଅଳିଆ ଆବର୍ଜନାର ପାହାଡ଼ ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଏଠାରେ ପ୍ଲାଷ୍ଟିକ୍, ପଲିଥିନ୍, ଘରୋଇ ବର୍ଜ୍ୟବସ୍ତୁ, ପଚା ପନିପରିବା ସମେତ ବିଭିନ୍ନ ପ୍ରକାରର ଆବର୍ଜନା ଦୀର୍ଘ ସମୟ ଧରି ପଡ଼ିରହିଥିବା ଅଭିଯୋଗ ହେଉଛି। ଅଳିଆ ଗଦା ନିକଟରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଏହା ରୋଗବ୍ୟାଧିର କାରଣ ହେବା ଆଶଙ୍କା ମଧ୍ୟ ରହିଛି। ଅନ୍ୟପକ୍ଷରେ ଏହି ରାସ୍ତା ଦେଇ ବ୍ଲକର ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧି ଓ ବିଭିନ୍ନ ଦଳର ନେତାମାନେ ନିୟମିତ ଯାତାୟାତ କରୁଛନ୍ତି। ତଥାପି ରାସ୍ତା କଡ଼ରେ ଜମି ରହିଥିବା ଅଳିଆ ଆବର୍ଜନା ପ୍ରତି କାହାର ଦୃଷ୍ଟି ପଡ଼ୁନଥିବା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ପ୍ରତ୍ୟେକ ମଙ୍ଗଳବାର ପଞ୍ଚାୟତରେ ସଫେଇ ଅଭିଯାନ ହେଉଥିବା ବେଳେ ବ୍ଲକ ସଦରମହକୁମାର ଏଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜମିଥିବା ଅଳିଆ କାହିଁକି ସଫା କରାଯାଉନାହିଁ ଏହାକୁ ନେଇ ସାଧାରଣରେ ଏବେ ଚର୍ଚ୍ଚା ଜୋର ଧରିଛି। ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ନପକାଇବା ନେଇ ଜନସାଧାରଣଙ୍କୁ ସଚେତନ କରିବା ସହ ଏତେ ବଡ଼ ସହରରେ ବର୍ଜ୍ୟବସ୍ତୁ ପକାଇବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ ଓ ନିୟମିତ ଅଳିଆ ସଂଗ୍ରହ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

ସଫେଇ ଅଭିଯାନ କେବଳ ଦିନକ ପାଇଁ ସଫେଇ କରି ଫଟୋ ଉଠାଇ ପ୍ରଚାର କରିବାରେ ସୀମିତ ନରହି ନିୟମିତ ଓ ସ୍ଥାୟୀ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ସହରର ଅଳିଆ ଆବର୍ଜନା ତୁରନ୍ତ ସଫା କରିବା ସହ ନିୟମିତ ଅଳିଆ ଉଠାଇବା ଓ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏନେଇ ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ। ତେବେ ବିଭିନ୍ନ ପଞ୍ଚାୟତରେ 'ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଚାଲୁଥିବା ବେଳେ ପାତ୍ରପୁର ସହରରେ କେବେ ହେବ ପ୍ରକୃତ ସଫେଇ ଏହା ଏବେ ପାତ୍ରପୁର ବାସୀଙ୍କ ମୁଖ୍ୟ ପ୍ରଶ୍ନ ପାଲଟିଛି।

## ରାୟଗଡ଼ା ନାଗାବଳୀ ନଦୀରେ ବୁଡ଼ି ଯାଉଥିବା ଡ୍ରାଇଭର ଓ ଶିଶୁଙ୍କୁ ଉଦ୍ଧାର କଲେ ଅଶୋକ ପେଦେଣ୍ଟି ସାହସିକତା ପୁରସ୍କାର ପାଇଁ ଦାବି



ରାୟଗଡ଼ା, ୩୦।୭ (ଆନିସ):ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର କନ୍ଧ କାତିପାଡୁ ଗ୍ରାମରେ ଚାଷ କାମ ସାରି ଗଦବାଗୁଡ଼ାକୁ ଫେରୁଥିବା ବେଳେ କୋଲନରା ବ୍ଲକ୍ ଅନ୍ତର୍ଗତ ଏମାଲିଗୁଡ଼ା ଗ୍ରାମ ନିକଟସ୍ଥ ନାଗାବଳୀ ନଦୀରେ ଏକ ଟ୍ରାକ୍ଟର ପ୍ରବଳ ସ୍ରୋତରେ ଫସିଯାଇଥିଲା। ଫଳରେ ଟ୍ରାକ୍ଟର ଚାଳକ ପ୍ରକାଶ ଓ ହରି ନାମକ ଜଣେ ଛୋଟ ବାଳକଙ୍କ ଜୀବନ ବିପଦରେ ପଡ଼ିଥିଲା।

ଠିକ୍ ସେହି ସମୟରେ ଏମାଲିଗୁଡ଼ା ଗ୍ରାମର ଶ୍ରୀ ଅଶୋକ ପେଦେଣ୍ଟି ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ସେମାନଙ୍କ ଚିତ୍କାର ଶୁଣିଥିଲେ। ନିଜ ଜୀବନକୁ ବାଜି ଲଗାଇ ସେ ପ୍ରବଳ ସ୍ରୋତରେ ପହଁରି ପ୍ରଥମେ ଛୋଟ ବାଳକ ହରିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

ପରେ ଗ୍ରାମବାସୀଙ୍କ ସହଯୋଗରେ ତିନୋଟି ଟ୍ରାକ୍ଟର ଆଣି ନଦୀ ମଝିରେ ଫସିଥିବା ଟ୍ରାକ୍ଟରକୁ ଟାଣି ବାହାର କରାଯାଇଥିଲା। ଏହି ଉଦ୍ଧାର କାର୍ଯ୍ୟରେ ଏମାଲିଗୁଡ଼ା ଗ୍ରାମର ଲୋକମାନେ ସକ୍ରିୟ ସହଯୋଗ କରିଥିଲେ।

ସୂଚନା ଯୋଗ୍ୟ ଯେ, ଏମାଲିଗୁଡ଼ା ଗ୍ରାମର ଟ୍ରାକ୍ଟର ଡ୍ରାଇଭର ପ୍ରକାଶ ପେଦେଣ୍ଟି ଚାଷ କାମ ପାଇଁ ନଦୀ ପାର ହୋଇ ଯାଇଥିବା ବେଳେ ଫେରିବା ସମୟରେ ହଠାତ୍ ନଦୀର ଜଳସ୍ତର ବଢ଼ିଯାଇଥିଲା। ଫଳରେ ଟ୍ରାକ୍ଟରଟି ପ୍ରବଳ ସ୍ରୋତରେ ଫସିଯାଇ ଏକ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଥିଲା। ଅଶୋକ ପେଦେଣ୍ଟିଙ୍କ ସାହସିକ ପଦକ୍ଷେପ ଯୋଗୁଁ ଦୁଇଟି ମୂଲ୍ୟବାନ ଜୀବନ ରକ୍ଷା ପାଇଥିଲା।

ଏହି ସାହସିକ କାର୍ଯ୍ୟକୁ ସମ୍ମାନ ଜଣାଇ ଆସନ୍ତା ଅଗଷ୍ଟ ୧୫ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀ ଅଶୋକ ପେଦେଣ୍ଟିଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ବୋଲି ରାୟଗଡ଼ା ଆଦିବାସୀ ମହାସଂଘ (ରାଆମ)ର ଜିଲ୍ଲା ସଭାପତି ଶ୍ରୀ ବିଜୟ କୁମାର ମେଲାକା ଖବରଦାତାଙ୍କ ମାଧ୍ୟମରେ ନିବେଦନ କରିଛନ୍ତି ।

## ଶକ୍ତିଶ୍ରୀ ସେଲ ଆନୁକୁଲ୍ୟରେ ଆଲୋଚନା ଚକ୍ର



କଟକ, ୩୦।୭ (ଆନିସ): କଟକ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟର ଶକ୍ତିଶ୍ରୀ ସେଲ ଆନୁକୁଲ୍ୟରେ ଲିଙ୍ଗଗତ ବୈଷମ୍ୟ ଜନିତ ହିଂସା ଏକ ସାମାଜିକ ବ୍ୟାଧି ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇ ଅଛି। ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବରେ ମହାବିଦ୍ୟାଳୟର ବରିଷ୍ଠ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ପ୍ରଣୟମଞ୍ଜରୀ ମହାନ୍ତି ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଶକ୍ତିଶ୍ରୀ ସେଲର ସଂଯୋଜିକା ଡକ୍ଟର ଅଞ୍ଜଳିବାଳା ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ଆଲୋଚନା ଚକ୍ରରେ ସଂଚାଳନ କରିଥିବା ବେଳେ, ସହ-ସଂଯୋଜିକା ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ନିରୂପମା ପାତ୍ର, କସ୍ତୁରୀ ବେହେରା, ମଞ୍ଜୁଲତା ମହାରଣା ଆଦି ଏହି ଆଲୋଚନା ଚକ୍ରରେ ଉପସ୍ଥିତ ଥିଲେ। ଶକ୍ତିଶ୍ରୀ ସେଲର ଶକ୍ତିଶ୍ରୀ ସାଥୀ ଛାତ୍ରୀ ଅଗ୍ନି ମହାନ୍ତି, ତପସ୍ୱିନୀ ସାମନ୍ତରାୟ ଓ ଅନ୍ୟାନ୍ୟ ଛାତ୍ରୀଗଣ ଉପସ୍ଥିତ ରହି ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ।

## କଳିଙ୍ଗ ମହାବିଦ୍ୟାଳୟରେ ଆଇବିଏମ୍ ସ୍କିଲ୍ସବିଲ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ



ଘୁ.ଉଦୟଗିରି,୩୦।୭ (ଆନିସ): :ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟ ଠାରେ ଆଇ.ବି.ଏମ୍. ସ୍କିଲ୍ସବିଲ୍ଡ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତପନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଭାରତ କେୟାର୍ସ ର ସୀନିଅର ଆସୋସିଏଟ୍ ଶ୍ରୀ ସୁଦୀପ୍ତ କୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ସାଇବର ସୁରକ୍ଷା ଓ ଡାଟା ସାଇନ୍ସ ପରି ଆଧୁନିକ ଡିଜିଟାଲ କୋର୍ସର ମାଗଣା ପ୍ରଶିକ୍ଷଣ ଓ ସାର୍ଟିଫିକେଟ୍ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ସହ ଏହି ବୈଷୟିକ ଶିକ୍ଷାର ଲାଭ ଉଠାଇ ଭବିଷ୍ୟତରେ ନିଯୁକ୍ତିକ୍ଷମ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

## କାଗଜ କଳ କଳ ଜଳ ଉତ୍ସରୁ ଟ୍ରାନ୍ସଫରମର୍ ଚୋରି ଓ ଜଣେ ଶ୍ରମିକ ଗୁରୁତର ଆହତ

ଜୟପୁର,୩୦।୭ (ଆନିସ): କାଗଜ କଳକୁ ଆଠ କିମି ଦୂରରୁ ପାଣି ଆଣିବା ପାଇଁ ବଡ଼ ମୋଟର ବସିଛି । ଏଥିପାଇଁ ଦୁଇଟି ଟ୍ରାନ୍ସଫରମର୍ ରହିଛି । ମାସକ ତଳେ ଗୋଟିଏ ଟ୍ରାନ୍ସଫରମର୍ ରୁ ତମ୍ବା କଏଲ୍ କାଟି ନେଇଯାଇଥିଲେ। ଦୁଇଦିନ ତଳେ ଚାଲିବା କ୍ଷମତା ରଖୁଥିବା ଟ୍ରାନ୍ସଫରମର୍ ରୁ ତମ୍ବା କଏଲ୍ କାଟି ନେଇଯାଇଛନ୍ତି । ସେକ୍ୟୁରିଟି ଗାର୍ଡ ମାନଙ୍କୁ ମାସ ମାସ ଧରି ଦରମା ନଦେବା ଯୋଗୁଁ ସେମାନେ ବରାବର ଡ୍ୟୁଟି ଯାଉ ନାହାଁନ୍ତି, ତା ସହ ଲଗାଣ ବର୍ଷା ଏବଂ ସେଠାରେ ବିଦ୍ୟୁତ୍ ସରବରାହ ବନ୍ଦ ଥିବା ଚୋର ମାନଙ୍କ ପାଇଁ ଖୋଲା ପଡ଼ିଛି। ଇତି ମଧ୍ୟରେ ପ୍ରାୟ ଦଶ ଦିନ ତଳେ ଜଣେ କଣ୍ଟ୍ରାକ୍ଟର ଲେବର୍ କାମ କରିବା ସମୟରେ ତାର ଗୋଡ କଟି ଯାଇଛି ଯେଉଁଠି ପ୍ରାୟ ବାରଟି ସିଲେଇ ପଡ଼ିଛି। କାରଖାନା ଚାଲୁ ନଥିଲା ବେଳେ କିଛି ଯନ୍ତ୍ର ପାତି ରକ୍ଷଣାବେକ୍ଷଣ ପାଇଁ ୱେଲଡିଙ୍ଗ୍ କରାଯାଉଥିଲା। ଅତି ଗଭୀର ଆଘାତରୁ ଶ୍ରମିକ ଟି ରକ୍ଷା ପାଇ ଯାଇଛି। ଶ୍ରମିକ ଟିକୁ ମାତ୍ର ଦୁଇଶହ ଟଙ୍କା ଦିଆ ଯାଇଛି। ଇଏସଆଇ ଚିକିତ୍ସା ପାଇଁ ମଧ୍ୟ ସୁବିଧା ନାହିଁ। ଯଦି କୌଣସି ସମୟରେ କିଛି ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଏ କିଏ ଦାୟୀ ହେବ ଏ ପ୍ରଶ୍ନ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି।ଏଭଳି ସ୍ଥିତିରେ ମ୍ୟାନେଜମେଣ୍ଟ ସବୁ ବିଷୟ ଲୁଚେଇ ରଖୁଛି । ବନ୍ଦ କାରଖାନା ଭିତର ଦେଇ କୋଇଲା ପାଉଁଶ ବୋହି ଦିନକୁ କୋଡ଼ିଏ ରୁ ଉର୍ଦ୍ଧ୍ବ ଟ୍ରକ୍ ବାହାର କୁ ଯାଉଛି। ଏସବୁ ବିନା ଦେୟରେ ଫ୍ଲାଇ ଆସ୍ ଇଟା ତିଆରି କାରଖାନା କୁ ଦେବା ପାଇଁ ସରକାରଙ୍କ ନିୟମ ଥିବା ବେଳେ କାରଖାନାର ବାହାରେ ଥିବା ପ୍ରାୟ ପଚିଶ ବର୍ଷ ର ପାଉଁଶ କୁ ବାହାର ରାସ୍ତାରେ ନ ନେଇ କାରଖାନା ଭିତର ଦେଇ ଟଙ୍କା ଅସୁଲ କରି ବିକ୍ରି କରା ଯାଉଛି କାହା ସ୍ୱାର୍ଥରେ ଏଥି ପ୍ରତି ସରକାରଙ୍କ ଦୃଷ୍ଟି ମଧ୍ୟ ନାହିଁ। ଆଗରୁ କାରଖାନା ବାହାରେ ପାଉଁଶ ଟ୍ରକ୍ ଯାଉଥିଲା। ରାଜ୍ୟ ସରକାରଙ୍କ ଫ୍ୟାକ୍ଟ୍ରି ଓ ବୈଲର୍ ଡାଇରେକ୍ଟର କୁ ଅବଗତ କଲା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। କାରଖାନା କୁ ନୂଆ କମ୍ପାନୀ ମାର୍କ ଏବି ଅଧିଗ୍ରହଣ କରି ରାଜ୍ୟ ସରକାରଙ୍କ ଠାରୁ ଏନ୍ ଓ ସି ପାଇ ପ୍ରାୟ ବର୍ଷେ ହେଲାଣି କିନ୍ତୁ କିଛି କାର୍ଯ୍ୟ ଆରମ୍ଭ ଆଜି ପର୍ଯ୍ୟନ୍ତ ହୋଇ ନାହିଁ। ଏହି ଭଳି ଚୋରି ଲାଗି ରହିଲେ କାରଖାନା ପୁନରୁଦ୍ଧାର ପାଇଁ ବାଧା ସୃଷ୍ଟି ହେବ।ଅବସରପ୍ରାପ୍ତ ଶ୍ରମିକ ମାନେ ଦୁଇ ବର୍ଷ ରୁ ଉର୍ଦ୍ଧ୍ବ ସମୟ ଧରି ପ୍ରତି ଦିନ ଏକ ଘଣ୍ଟା ଧାରଣା ଜାରି ରଖିଛନ୍ତି ସେମାନଙ୍କ ବକେୟା ପାଉଣା ପ୍ରଦାନ ପାଇଁ ଏବଂ କାରଖାନା ତୁରନ୍ତ ଚାଲୁ କରିବା ଦାବି ନେଇ । ଏହି ପ୍ରତିକ ଆନ୍ଦୋଳନ ରେ ସର୍ବଶ୍ରୀ ସୁଦର୍ଶନ ବିଷୋୟୀ, ଧ୍ରୁବ ବାରିକ,ସୁବାଷ ବେହେରା, ଭାସ୍କର ମିଶ୍ର, ବସନ୍ତ ବେହେରା ପ୍ରମୁଖ ଜାରି ରଖିଛନ୍ତି। ଜିଲ୍ଲାପାଳ ବୈଠକ ଡାକିବା ପାଇଁ କହିଥିଲେ । ମେ ୨୮ ଜୟପୁର ବନ୍ଦ ପରେ ରାଜ୍ୟ ସରକାର ରିପୋର୍ଟ ସଂଗ୍ରହ କରୁଛନ୍ତି। କିନ୍ତୁ କିଛି ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଆଗକୁ ପୁଣି ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବା ସହ ବର୍ଷା କାଳୀନ ଅଧିବେଶନ ସମୟରେ ବିଧାନ ସଭା ଭିତରେ କାଗଜ କଳ ପ୍ରସଙ୍ଗ ଆଲୋଚନା କରିବା ପାଇଁ ପଦକ୍ଷେପ ନେବାକୁ ଶ୍ରମିକ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ସ୍ଥିର କରୁଛି।

## ପିତୃମାତୃହୀନ ଏବଂ ଏକକ ଅବିଭାବକ ଶିଶୁଙ୍କ ଉପଯୁକ୍ତ ଥଇଥାନ ନିମନ୍ତେ କୋରାପୁଟ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର କ୍ୟାମ୍ପ



ଜୟପୁର,୩୦।୭ (ଆନିସ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ତତ୍ତ୍ୱବଧାନରେ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ମିଶନଶକ୍ତି ଗୃହ ପରିସରରେ ପିତୃମାତୃହୀନ ଏବଂ ଏକକ ଅବିଭାବକ ଶିଶୁଙ୍କ ଉପଯୁକ୍ତ ଥଇଥାନ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯାଇଥିଲା,ଉକ୍ତ କ୍ୟାମ୍ପରେ ମୋଟ ୧୧୭ ଜଣ ସୁରକ୍ଷା ଏବଂ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଥିଲା, ଶିଶୁମଙ୍ଗଳ ସମିତିର ତଦନ୍ତ ସମାପ୍ତ ପରେ ସେହି ଶିଶୁମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣ ମୂଳକ ଯୋଜନାରେ ସାମିଲ କରାଯାଇ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ କରି ସେମାନଙ୍କ ସର୍ବାଙ୍ଗୀନ ବିକାଶକୁ ସୁନିଶ୍ଚିତ କରାଯିବ,କୋରାପୁଟ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, କୋରାପୁଟ ଏବଂ ସମ୍ମନିତ ଶିଶୁ ବିକାଶ ସେବା , ଲମତାପୁଟର ମିଳିତ ଆନୁକୂଲ୍ୟରେ ଉକ୍ତ କ୍ୟାମ୍ପର ଆୟୋଜନ କରାଯାଇଥିଲା ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷା ଡା.ଗାୟତ୍ରୀ ଦେବୀ ଏବଂ ସଦସ୍ୟା ସୁସ୍ମିତା ରଥ ଏବଂ ଶିବାନୀ ପାତ୍ର ଉପସ୍ଥିତ ରହି ଶିଶୁ ମାନଙ୍କ ଉପସ୍ଥାପନା ନେଇଥିଲେ ,ସମ୍ମନିତ ଶିଶୁ ବିକାଶ ସେବା ଅଙ୍ଗନବାଡି ସୁପରବାଇଜର ଜିଲ୍ଲାଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା, ଚାଇଲ୍ଡ ହେଲ୍ପ ଲାଇନର କର୍ମକର୍ତ୍ତା ଏବଂ ଅଙ୍ଗନବାଡି କର୍ମୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ପାର୍ଶ୍ୱବର୍ତ୍ତୀ ଗ୍ରାମର ନିଯୁକ୍ତିପ୍ରାପ୍ତ ଯୁବକଙ୍କୁ ୟୁଏଆଇଏଲ୍ର ସମ୍ବର୍ଦ୍ଧନା

ରାୟଗଡ଼ା, ୨୩୦।୭ (ଆନିସ): ଉତ୍କଳ ଆଲୁମିନା, (ୟୁଏଆଇଏଲ୍) ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ପାରିପାର୍ଶ୍ୱିକ ଗ୍ରାମର ନଅଜଣ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ବେଙ୍ଗାଲୁରୁ ସ୍ଥିତ ଅଗ୍ରଣୀ ଗୃହ ଉପକରଣ ଓ ପ୍ରିସିଜନ୍ ଇଞ୍ଜିନିୟରିଂ ଉପାଦାନ ନିର୍ମାତା ସଂସ୍ଥା ଆଇଏଫ୍‌ବି ରେ ୱେଲ୍ଡର ଟେକ୍ନିସିଆନ୍ ଭାବେ ନିଯୁକ୍ତି ପାଇଛନ୍ତି ।



ନିଯୁକ୍ତିପ୍ରାପ୍ତ ଯୁବକମାନଙ୍କ ମଧ୍ୟରେ ବାଗ୍ରିଝୋଲା ଗ୍ରାମର ୬ ଜଣ ଏବଂ ସନାମାଟିକଣା, ପିଣ୍ଡକାପଦର ଓ ବଦଲିଝରଣ ଗ୍ରାମର ଜଣେ ଲେଖାଏଁ ଯୁବକ ଥିବା ବେଳେ ସେମାନେ ୟୁଏଆଇଏଲ୍ର ସିଏସ୍‌ଆର ଅନ୍ତର୍ଗତ କୌଶଳ ପ୍ରକଳ୍ପ ଅଧୀନରେ ରାୟଗଡ଼ା ସ୍ଥିତ ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟର (ଏବିଏସ୍‌ସି)ରେ ତିନି ମାସିଆ ୱେଲ୍ଡିଂ ପ୍ରଶିକ୍ଷଣ ସମାପ୍ତ କରିଥିଲେ । ଏହି ପ୍ରକଳ୍ପ ସ୍ଥାନୀୟ ଯୁବକମାନଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି ସହ ସେମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିଛି ।

ପ୍ରଶିକ୍ଷଣ ପାଇଁ ପ୍ରାର୍ଥୀମାନଙ୍କୁ ଚିହ୍ନଟ, ସଚେତନ ଓ ପ୍ରୋତ୍ସାହିତ କରିବାରେ ୟୁଏଆଇଏଲ୍ର ସିଏସ୍‌ଆର ଟିମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏଥିସହ ପ୍ରଶିକ୍ଷଣ ଅବଧିରେ ସେମାନଙ୍କର ଯାତାୟାତ ଓ ଖାଦ୍ୟ ବ୍ୟୟ ମଧ୍ୟ ୟୁଏଆଇଏଲ୍ ପକ୍ଷରୁ ବହନ କରାଯାଇଥିଲା ।

ଏହି ଅବସରରେ ନିଯୁକ୍ତି ହାସଲ କରିଥିବା ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇ ୟୁଏଆଇଏଲ୍ର ସିଏସ୍‌ଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର କହିଥିଲେ ଯେ, ସ୍ଥାନୀୟ ସମୁଦାୟର ସାମଗ୍ରିକ ବିକାଶ ପାଇଁ ୟୁଏଆଇଏଲ୍ ଦକ୍ଷତା ବିକାଶ, ଜୀବିକା ସୃଷ୍ଟି, ମହିଳା ସଶକ୍ତୀକରଣ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଆସୁଛି । ଏହା ମାଧ୍ୟମରେ ଅଞ୍ଚଳର ସମନ୍ୱିତ ଓ ନିରନ୍ତର ବିକାଶ ସୁନିଶ୍ଚିତ କରାଯାଉଛି ।

ହାଡ଼ିଗୁଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଯଦୁମଣି ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନିଯୁକ୍ତିପ୍ରାପ୍ତ ଯୁବକମାନଙ୍କର ଅଭିଭାବକ, ଏବିଏସ୍‌ସିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ୟୁଏଆଇଏଲ୍ ପ୍ଲାଣ୍ଟର ସିଏସ୍‌ଆର ଡିଏଚ୍ ଦିଗନ୍ତ ମହାନ୍ତି, ସୁଧୀର ନାୟକ ଓ ଅନ୍ୟାନ୍ୟ ସିଏସ୍‌ଆର ଅଧିକାରୀମାନେ ନବନିଯୁକ୍ତ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସମସ୍ତ ନୂତନ କାର୍ଯ୍ୟସ୍ଥଳକୁ ଯୋଗଦେବା ପୂର୍ବରୁ ସେମାନଙ୍କୁ ୟୁଟିଲିଟି କିଟ୍ ମଧ୍ୟ ବଣ୍ଟନ କରାଯାଇଥିଲା।

# ଭତ୍ତା ବନ୍ଦ, ହନ୍ତସନ୍ତ ବୃଦ୍ଧ-ବୃଦ୍ଧା

- ୮୦ ପାର୍ ହେଲେ ବି ମିଳୁନି ୩୫୦୦ ଟଙ୍କା ଭତା
- ଅନ୍ୟର ମୃତ୍ୟୁକୁ ଅପେକ୍ଷା କର ବୋଲି ଉତ୍ତର
- ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ନିରାଶ ଫେରୁଛନ୍ତି ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ

ମୁନିଗୁଡା ,୩୦।୭(ଆନିସ) ବୃଦ୍ଧଙ୍କ ମୁହଁରେ ହସ ଫୁଟାଇବାକୁ ସରକାର ସାମାଜିକ ସୁରକ୍ଷା ଭତା ଯୋଜନାର ଢୋଲ ପିଟୁଥିବା ବେଳେ ରାୟଗଡା ଜିଲ୍ଲାରେ ଏହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ମାସ ମାସ ଧରି ଶହ ଶହ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀ ଭତା ପାଇନଥିବା ବେଳେ,୮୦ ଶତକଡା ଭିନ୍ନକ୍ଷମ ଓ ୮୦ ବର୍ଷ ପାର୍ କରିଥିଲେ ମଧ୍ୟ ବହୁ ବୃଦ୍ଧଙ୍କୁ ୩୫୦୦ ଟଙ୍କା ବର୍ଦ୍ଧିତ ଭତା ପରିବର୍ତ୍ତେ ଏବେ ବି ୧୦୦୦ ଟଙ୍କା ମିଳୁଛି। ତାହା ପୁଣି ଗତ ୨ରୁ ୪ ମାସ ହେଲା ବନ୍ଦ ଥିବାରୁ ବୃଦ୍ଧମାନେ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ନିରାଶ ହୋଇ ଫେରୁଛନ୍ତି ।ମୁନିଗୁଡା ବ୍ଲକ ଆମ୍ବାଦଳା ପଞ୍ଚାୟତ ବଡ଼ସାହିର ୮୩ ବର୍ଷୀୟ ଶ୍ରୀବାସ ପାଲକା ଓ ଇନ୍ଦିରା ସାହିର ୮୬ ବର୍ଷୀୟ ହସାଇ ବାଗ ୮୦ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ୩୫୦୦ ଟଙ୍କା ଭତା ପାଇନାହାନ୍ତି। ଏବେ ବି ସେମାନଙ୍କୁ ୧୦୦୦ ଟଙ୍କା ମିଳୁଥିବା ଅଭିଯୋଗ କରିଛନ୍ତି।ସେହିପରି



ଆମ୍ବାଦଳା ନୂଆସାହିର ୭୬ ବର୍ଷୀୟ ବିଷୟା କରକରିଆ ପୂର୍ବରୁ ପଞ୍ଚାୟତରୁ ଭତା ପାଉଥିଲେ। କିନ୍ତୁ ଅନଲାଇନ୍ ବ୍ୟାଙ୍କ ବ୍ୟବସ୍ଥା ଆରମ୍ଭ ହେବା ପରେ ଗତ ତିନି ମାସ ହେଲା ଭତା ପାଇନାହାନ୍ତି। ବୃଦ୍ଧାବସ୍ଥାରେ ବାରମ୍ବାର ବ୍ୟାଙ୍କକୁ ଯାଇ ଖାଲି ହାତରେ ଫେରିବାକୁ ପଡ଼ୁଥିବାରୁ ଔଷଧ କିଣିବା ଓ ଦୈନନ୍ଦିନ ଜୀବନ ଚଳାଇବା କଷ୍ଟକର ହୋଇପଡ଼ିଛି। ସରକାରଙ୍କ ୫ କିଲୋ ଚାଉଳ ହିଁ ଏବେ ତାଙ୍କ ପାଇଁ ଏକମାତ୍ର ଭରସା।ଅନ୍ୟପକ୍ଷରେ ଇନ୍ଦିରା ସାହିର ସୁଲତାନ ସୁନା ଜନ୍ମରୁ ଶତପ୍ରତିଶତ ଦିବ୍ୟାଙ୍ଗ ଥିବା ବେଳେ ଉକ୍ତ ସାହିର କୁମାର ସ୍ୱାମୀ ପାଲକା ୮୧ ବର୍ଷ ବୟସରେ ୭୯ ପ୍ରତିଶତ ଦିବ୍ୟାଙ୍ଗ। ଏହି ପରିବାର ମଧ୍ୟ ଗତ ଚାରି ମାସ ଧରି ଭତା ପାଇନଥିବା ଅଭିଯୋଗ କରିଛନ୍ତି। ଏହା କେବଳ କିଛି ଲୋକଙ୍କ ସମସ୍ୟା ନୁହେଁ। ବଡ଼ସାହିର କାଲାଣ୍ଡ ସୁନା,ବେଦ ହିଆଲ,ବାସୁମତୀ କୁସୁଲିଆ, ଡିମିରୀଗୁଡା ପଞ୍ଚାୟତ ଦୋରା ଗାଁର ବିଧବା ମହିଳା ଆରତୀ ଚାମ,ଦୋରା ଗାଁର ୬ ବର୍ଷର ଦିବ୍ୟାଙ୍ଗ ଝିଅ ସ୍ୟାଙ୍ଗ ସୁରି ଛାତି ପ୍ରମୁଖଙ୍କ ସମେତ ମୁନିଗୁଡା ବ୍ଲକର ୧୭ଟି ପଞ୍ଚାୟତରେ ଅନେକ ହିତାଧିକାରୀ ୨ରୁ ୪ ମାସ ଧରି ଭତା ପାଇନଥିବା ଅଭିଯୋଗ କରିଛନ୍ତି।

ସବୁଠାରୁ ବଡ଼ ଅଭିଯୋଗ ହେଉଛି, ୮୦ ବର୍ଷ ପାର୍ କରିଥିଲେ ମଧ୍ୟ ବର୍ଦ୍ଧିତ ୩୫୦୦ ଟଙ୍କା ଭତା ପାଇବାକୁ ହିତାଧିକାରୀଙ୍କୁ ସ୍ଥାନ ଖାଲି ନାହିଁ, କାହାର ମୃତ୍ୟୁ ହେଲେ ନାଁ ଯୋଡ଼ାଯିବ ବୋଲି କୁହାଯାଉଛି। ଫଳରେ ସରକାରଙ୍କ ସ୍ୱତନ୍ତ୍ର ବର୍ଦ୍ଧିତ ଭତା ଯୋଜନାରେ ନାଁ ଆସିବା ପାଇଁ ହିତାଧିକାରୀଙ୍କୁ ଅନ୍ୟର ମୃତ୍ୟୁକୁ ଅପେକ୍ଷା କରିବାକୁ ପଡ଼ୁଛି ବୋଲି ଅଭିଯୋଗ ହୋଇଛି।ସ୍ଥାନୀୟ ସାମାଜିକ କର୍ମୀ ତଥା ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡ଼ାଲ କହିଛନ୍ତି, ନିର୍ବାଚନ ପୂର୍ବରୁ ସରକାର ବର୍ଦ୍ଧିତ ଭତା ଦେବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବାସ୍ତବରେ ଯୋଗ୍ୟ ହିତାଧିକାରୀଙ୍କୁ ଏବେ ବି ଯୋଜନାର ସୁବିଧା ମିଳୁନାହିଁ। ତେଣୁ ସରକାର ନିଜ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।ଏନେଇ ମୁନିଗୁଡା ବିଡିଓ କୃଷ୍ଣ ଚନ୍ଦ୍ର ଦଳପତି କହିଛନ୍ତି, ବର୍ଦ୍ଧିତ ଭତା ତାଲିକା ଓ ଅନୁମୋଦନ ପ୍ରକ୍ରିୟା ଉଚ୍ଚସ୍ତରରେ ହୋଇଥାଏ। ତେଣୁ ସ୍ଥାନୀୟ ସ୍ତରରେ ଏହା ଉପରେ କୌଣସି ନିଷ୍ପତ୍ତି ନେବାର ସୁଯୋଗ ନାହିଁ।ତେବେ ପ୍ରଶ୍ନ ଉଠୁଛି, ଯଦି ସ୍ଥାନୀୟ ପ୍ରଶାସନଙ୍କ ହାତରେ କିଛି ନାହିଁ, ତେବେ ମାସ ମାସ ଧରି ଭତା ପାଇନଥିବା ଏହି ଅସହାୟ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀ ନିଜ ଅଧିକାର ପାଇଁ କାହା ପାଖକୁ ଯିବେ ଜୀବନର ଶେଷ ସମୟରେ ସରକାରୀ ସହାୟତା ଅପେକ୍ଷାରେ ଦିନ କାଟୁଥିବା ଏହି ବୃଦ୍ଧମାନଙ୍କ ଦୁଃଖ କେବେ ଦୂର ହେବ, ତାହାକୁ ନେଇ ପ୍ରଶ୍ନ ଉଠିଛି।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ

ଖୋର୍ଦ୍ଧା, ୩୦।୭ (ଆନିସ): ଖୋରଧା ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା କରି ରାଜ୍ୟ ସରକାରଙ୍କ ମହତ ଉଦ୍ଦେଶ୍ୟ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବା ଓ ସମସ୍ତ ଜନ ସାଧାରଣ ଙ୍କୁ ବିଶେଷ ଭାବେ ବନ୍ୟା ପ୍ଲାବିତ ଅଞ୍ଚଳର ଲୋକମାନଙ୍କୁ ପୁନଃଉଦ୍ଧାର କରିବା ଏବଂ ସେମାନଙ୍କୁ ନିରାପଦ ସ୍ଥାନରେ ଆଶ୍ରୟ ଦେବାସହ ସମସ୍ତ ପ୍ରକାର ମୌଳିକ ସେବା ଯୋଗାଇଦେବାକୁ ନେଇ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ସମସ୍ତ ଅଧିକାରୀ ମାନଙ୍କ ଛୁଟିକୁ ବାତିଲ କରିବା ସହ ଯେଉଁମାନେ ଛୁଟିରେ ଅଛନ୍ତି ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସେହିପରି କୌଣସି ଅଧିକାରୀ ନିଜ ନିଜ କ୍ଷମତାପନ୍ନ କର୍ତ୍ତୃପକ୍ଷ ଙ୍କ ବିନା ଅନୁମତିରେ ମୁଖ୍ୟାଳୟ ଛାଡି ପାରିବେ ନାହିଁ ଆଜିଠାରୁ ଆଗାମୀ ଚାରିଦିନ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ମାନଙ୍କ ଛୁଟି ନେବା ଜିଲ୍ଲାପାଳ ବାତିଲ କରିଛନ୍ତି ।

ସେହିପରି ଜିଲ୍ଲାରେ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର, ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ଅର୍ଦ୍ଧ ସରକାରୀ, ସରକାରୀ ମଞ୍ଜୁରି ପ୍ରାପ୍ତ, ବେସରକାରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ସମସ୍ତ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକୁ ଆଜି ଅପରାହ୍ଣ ୧ ଟା ଠାରୁ ଆସନ୍ତା କାଲି ପର୍ଯ୍ୟନ୍ତ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଯୋଗୁ ଧନ ଜୀବନ ସୁରକ୍ଷା ନିମନ୍ତେ ତଳିଆ ଅଞ୍ଚଳ ଲୋକମାନଙ୍କୁ ସ୍ଥାନାନ୍ତରଣ, ଆଶ୍ରୟସ୍ଥଳୀ ପ୍ରଦାନ ଓ ରିଲିଫ କାର୍ଯ୍ୟ ପରିଚାଳନା ଓ ତଦାରଖ ପାଇଁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ବ,ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କୁ ଜଟଣୀ ବ୍ଲକ୍, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କୁ ଭୁବନେଶ୍ୱର ବ୍ଲକ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଙ୍କୁ ବାଲିପାଟଣା ବ୍ଲକ୍, ଉପଜିଲ୍ଲାପାଳ, ଭୁବନେଶ୍ୱର ଶ୍ରୀ ମନୋରଞ୍ଜନ ସାହୁ ଙ୍କୁ ବାଲିଅନ୍ତା ବ୍ଲକ୍ ଏବଂ ଉପଜିଲ୍ଲାପାଳ, ଖୋରଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ ଙ୍କୁ ଖୋରଧା ଓ ଟାଙ୍ଗୀ ବ୍ଲକ୍ ଦାୟିତ୍ୱ ନିର୍ବାହ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସରକୁ ନୋ ଡ୍ରୋନ୍/ନୋ ଫ୍ଲାଇଂ ଜୋନ୍ ଘୋଷଣା

କଟକ, ୩୦।୭ (ଆନିସ): ମହାମହିମ ରାଷ୍ଟ୍ରପତିଙ୍କ ଆସନ୍ତା ୦୩ ଅଗଷ୍ଟ ୨୦୨୬ ତାରିଖରେ ବାଙ୍କୀସ୍ଥିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗସ୍ତ ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଏନଏସଏସ ଆଇନ, ୨୦୨୩ର ଧାରା ୧୪(୧) ଓ ଧାରା ୧୬୩ ଅନୁଯାୟୀ ଆଦେଶ ଜାରି କରିଛନ୍ତି । ୦୧ ଅଗଷ୍ଟ ୨୦୨୬ ତାରିଖଠାରୁ ରାଷ୍ଟ୍ରପତିଙ୍କ କଟକ ଜିଲ୍ଲା ଗସ୍ତ ସମାପ୍ତି ପର୍ଯ୍ୟନ୍ତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ପରିସର, ହେଲିପ୍ୟାଡ୍, ନିର୍ଦ୍ଧାରିତ ସୁରକ୍ଷିତ ସ୍ଥାନ, ଭିଭିଆଇପି ରୁଟ୍ ଏବଂ ସମ୍ପୃକ୍ତ ସୁରକ୍ଷା ସମ୍ବେଦନଶୀଳ ଅଞ୍ଚଳକୁ ନୋ ଡ୍ରୋନ୍/ନୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମର ସୂଚାରୁ ପରିଚାଳନା ନିମନ୍ତେ କାର୍ଯ୍ୟକ୍ରମ ସ୍ଥଳୀ ଓ ଏହାର ଆଖପାଖ ଅଞ୍ଚଳରେ ପାରା ଗ୍ଲାଇଡର୍, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, , କିମ୍ବା ଡ୍ରୋନ୍ ଉଡ଼ାଣକୁ ନିଷେଧ କରାଯାଇଛି । ଏହି ଆଦେଶର ଉଲ୍ଲଂଘନ କଲେ ନିଷିଦ୍ଧ ଉପକରଣଗୁଡ଼ିକୁ ଜବତ କରାଯିବା ସହିତ ଡ୍ରୋନ୍ ନିୟମ, ୨୦୨୧, ଏୟାରକ୍ରାଫ୍ଟ ଆଇନ, ୧୯୩୪ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନଗତ ବ୍ୟବସ୍ଥା ସମେତ ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡବିଧାନ କରାଯିବ। ଏଣୁ, ସମସ୍ତ ବ୍ୟକ୍ତି ଏବଂ ସଂଗଠନ ଏହି ଆଦେଶକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଦେଶର ସଫଳ କାର୍ଯ୍ୟକାରିତା ଓ ସମନ୍ୱୟ ପାଇଁ ବାଙ୍କୀ ଉପଜିଲ୍ଲାପାଳଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି। ନୋଡାଲ୍ ଅଧିକାରୀଙ୍କ ପୂର୍ବ ଲିଖିତ ଅନୁମତି ବିନା ନିର୍ଦ୍ଦିଷ୍ଟ ଅଞ୍ଚଳ ଓ ଅବଧି ମଧ୍ୟରେ କୌଣସି ପ୍ରକାର ଡ୍ରୋନ୍ କିମ୍ବା ୟୁଏଭି ପରିଚାଳନାକୁ ଅନୁମତି ଦିଆଯିବ ନାହିଁ।

# ସିରିଡ଼ି ସାଇ ଟ୍ରଷ୍ଟ ତରଫରୁ ଖେଜୁରୀଆ ଗ୍ରାମରେ ବୃକ୍ଷ ରୋପଣ

ରାଇରଙ୍ଗପୁର, ୩୦।୭ (ଆନିସ): ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଅନ୍ତର୍ଗତ ଖଜୁରିଆ ଗ୍ରାମ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଟ୍ରଷ୍ଟ ତରଫରୁ ହାତକୁ ନିଆଯାଇଥିଲା । ତେବେ ଆଗାମୀ ଦିନରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସିରିଡ଼ି ସାଇ ଟ୍ରଷ୍ଟ ତରଫରୁ ବିଭିନ୍ନ ୪ଜୟ, ସଫା, ତଥା ସିରିଡ଼ି ସାଇ ମନ୍ଦିର ନିର୍ମାଣ ଆଦି କାର୍ଯ୍ୟ କରାଯାଇଛି ।ଏହି ଅବସରରେ ପରିବେଶ ର ସନ୍ତୁଳନ ନିମନ୍ତେ ମୁଖ୍ୟତଃ ଗଛ ଲଗାଇବା ଉପରେ ଆଲୋଚନା ହୋଇଥିଲା। ସିରିଡ଼ି ସାଇ ଟ୍ରଷ୍ଟ ର ଅଧକ୍ଷକଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଣ୍ଟୁ ବାରିକଙ୍କ ନେତୃତ୍ବରେ କୁସୁମୀ ବ୍ଲକର ହାଟବାଦଡା ପଞ୍ଚାୟତ ଅନ୍ତର୍ଗତ ଖେଜୁରିଆ ଗ୍ରାମ ରେ ବିଭିନ୍ନ ପ୍ରକାରର ଯଥା ଆମ୍ବ,ପଣସ, ନଡିଆ, ଡାଳିମ୍ବ, ଶିଶୁ ,ଶାଳ, ପିଆଶାଳ, ଶାଗୁଆନ, ଅଁଳା, ହରିଡା, ବାହାଡା, କୃଷ୍ଣଚୂଡ଼ା, ଆଦି ବିଭିନ୍ନ ପ୍ରକାରର ୫୦୦୦ ଗଛର ଚାରା ରୋପଣ କରାଯାଇଛି। ଏହି ବୃକ୍ଷ ରୋପଣ ର ମୁଖ୍ୟ ଉଦ୍ଦେଶ୍ୟ ପରିବେଶ ସନ୍ତୁଳନତା ରକ୍ଷା କରିବା ଉଦ୍ଦେଶ୍ୟରେ ପ୍ରତେକ୍ୟ ମନୁଷ୍ୟ ଗୋଟିଏ ଗଛ ଲଗାଇବା ସିରିଡ଼ି ସାଇ ଟ୍ରଷ୍ଟ ତରଫରୁ ସ୍ଥାନୀୟ ଜନସାଧାରଣ ଙ୍କୁ ଅନୁରୋଧ କରିଥିଲେ। ଏହା ସହିତ ଗଛ ଲଗାଇବା ଉପକାରୀତା ସଂପର୍କରେ ଅବଗତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ପଙ୍କଜ ବାରିକ୍, ରୁନୁ କାରୁଆ, ମଣ୍ଟୁ ବାରିକ୍,ସର୍ଦ୍ଦାର ମାଝୀ, ସରୋଜ ବାରିକ୍,ସାଲାଇ ଜାମୁଦା, କାଳିଦାସ ଗଡସରା, ରାଉତ ନାଏକ,ଟୁଟୁ ବେହେରା, ହରି ବେହେରା, ବାବୁଲୁ ବାରିକ୍, ହୃଷିକେଶ ବାରିକ୍, ଅର୍ଚିତା ମାଝୀ, ଜେମା ମଣି, ଡୁମୁନି ବାସ୍କେ, ଦ୍ରୌପଦୀ କାରୁଆ, ଫୁଲ ମଣି ପାତ୍ର, ସତ୍ୟବାନ୍ ବାରିକ୍, ଟୁନା ଆପଟ୍, ତୁଷାର ବାରିକ୍,ସଞ୍ଜିବ ବେହେରା ପ୍ରମୁଖ ଙ୍କ ସମେତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସହଯୋଗ ୫୦୦୦ ବୃକ୍ଷ ରୋପଣ କରାଯାଇଛି। ଏହା ସହିତ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମିଶନ ଶକ୍ତିର କର୍ମକର୍ତ୍ତା ଓ ସଦସ୍ୟାମାନେ ଗଛ ଲଗାଇବା ନିମନ୍ତେ ଜନସଚେତନତା ସୃଷ୍ଟି ପାଇଁ ଯତ୍ନଶୀଳ ହେବାକୁ ସଂକଳ୍ପ ନେଇଥିଲେ। ଏହା ସହିତ ଶ୍ରୀ ବାରିକ୍ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହିତ ଆମ ପରିବେଶକୁ ସୁରକ୍ଷା ଦେବା ସହିତ ରାଷ୍ଟ୍ରନିର୍ମାଣରେ ମାଆ ମାନଙ୍କ ଭୂମିକା ସଂପର୍କରେ ଆଲୋଚନା କରି ପରିବେଶକୁ ସନ୍ତ ସାଇ ଟ୍ରଷ୍ଟ ଅଧକ୍ଷ ଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫୦୦୦ ହଜାର ବୃକ୍ଷରୋପଣ ଲକ୍ଷ୍ୟ ପୁରଣ ହୋଇଯାଇଛି। ଏହା ସହିତ ବିଭିନ୍ନ ମହତ୍ ଓ ସାମାଜିକ କାର୍ଯ୍ୟକ୍ରମ କରାଯାଇଛି। ରାସ୍ତା ଘାଟ ସଫା ସହିତ ନିକଟରେ ଥିବା ଜନସାଧାରଣ ଙ୍କ ପାଇଁ ଏକ ପୋଖରୀ ରେ ପଙ୍କ ଭରିରହିଥିଲା ଯାହା କି ପୋଖରୀରେ ଗାଧୋଇବାପାଇଁ ଓ ପଶୁସମ୍ପଦ ପାନୀୟ ଜଳ ଭାବେ ଉପଯୋଗୀ ହେଉନଥିଲା।ଉକ୍ତ ପୋଖରୀ ର ସଫା କରିବା ସହିତ ପଙ୍କ ଉଦ୍ଧାର ମଧ୍ୟ କରାଯାଇଛି। ଏହି ପୋଖରୀରେ ଲୋକଙ୍କ ଗାଧୋଇବା. ସହିତ ଗୋରୁଗାଈ ପାଣି ପିଇବା ଉପଯୋଗୀ ହୋଇପାରିଛି।ଏହା ସହିତ ରାସ୍ତା ଘାଟ ଅଳିଆ ଆବର୍ଜନା ସଫା କରାଯାଇଛି। ଉକ୍ତ ସାମାଜିକ ଓ ଉନ୍ନୟନମୂଳକ କାର୍ଯ୍ୟ ରେ ଖେଜୁରିଆ ଓ ଆଖପାଖ ଅଂଚଳର ଲୋକେ ଏ ମହତ କାର୍ଯ୍ୟକୁ ଦେଖି ସିରିଡ଼ି ସାଇ ଟ୍ରଷ୍ଟ କୁ ସାଧୁବାଦ ଜଣାଇବା ସହିତ ଧନ୍ୟବାଦ ଜଣାଇଛନ୍ତି ବୃକ୍ଷ ମଧ୍ୟରେ ମୂଲ୍ୟବାନ ବୃକ୍ଷସବୁ ରୋପଣ କରାଯାଇଛି ଏବଂ ଶିରିଡି ସାଇ ତରଫରୁ ନିର୍ମାଣ ଚାଲିଥିବା ଏକ ସିରିଡ଼ି ସାଇ ମନ୍ଦିର କାର୍ଯ୍ୟ ବହୁ ଦୃତ ଗତିରେ ଚାଲିଥିବା ଦେଖିବାକୁ ମିଳିଛି। ଆସନ୍ତା ଫେବୃୟାରୀ ମାସରେ ମନ୍ଦିର ପ୍ରତିଷ୍ଠା ହେବା ନେଇ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।



# ଭାରତୀୟ ବାୟୁସେନାରେ ଅଗ୍ନିବୀରବାୟୁ ନିଯୁକ୍ତି ପାଇଁ ଅନଲାଇନ୍ ପଞ୍ଜୀକରଣ ଆରମ୍ଭ

କଟକ,୩୦।୭ (ଆନିସ): ଭାରତୀୟ ବାୟୁସେନାର ଅଗ୍ନିବୀରବାୟୁ (ସଙ୍ଗୀତଜ୍ଞ) ପଦବୀ ପାଇଁ ଇନ୍‌ଟେକ୍ ୦୧/୨୦୨୭ ନିମନ୍ତେ ଅବିବାହିତ ଭାରତୀୟ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କଠାରୁ ଅନଲାଇନ୍ ଆବେଦନ ଆହ୍ୱାନ କରାଯାଇଛି। ଏହି ନିଯୁକ୍ତି ପାଇଁ ପ୍ରାର୍ଥୀ ଦଶମ ଶ୍ରେଣୀ କିମ୍ବା ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସହ ସଙ୍ଗୀତ କ୍ଷେତ୍ରରେ ନିର୍ଦ୍ଧାରିତ ଦକ୍ଷତା ଥିବା ଆବଶ୍ୟକ। ଅନଲାଇନ୍ ପଞ୍ଜୀକରଣ ୨୦ ଜୁଲାଇ ୨୦୨୬ ସକାଳ ୧୧ଟାରୁ ଆରମ୍ଭ ହୋଇ ୨ ଅଗଷ୍ଟ ୨୦୨୬ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ। ଅନଲାଇନ୍ ପରୀକ୍ଷା ୩୧ ଅଗଷ୍ଟରୁ ୯ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଅନୁଷ୍ଠିତ ହେବ। ଆଗ୍ରହୀ ପ୍ରାର୍ଥୀମାନେ ପୋର୍ଟାଲ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ। ଯୋଗ୍ୟତା, ବୟସ ସୀମା, ଶାରୀରିକ ଓ ଡାକ୍ତରୀ ମାନଦଣ୍ଡ ସମ୍ପର୍କିତ ସର୍ତ୍ତାବଳୀ ଏବଂ ଅନ୍ୟାନ୍ୟ ବିସ୍ତୃତ ସୂଚନା ସମ୍ପୃକ୍ତ ବିଜ୍ଞପ୍ତି ପୋର୍ଟାଲରେ ମଧ୍ୟ ଉପଲବ୍ଧ ରହିଛି । ଯୋଗ୍ୟ ଓ ଆଗ୍ରହୀ ଯୁବକ ଓ ଯୁବତୀମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରିବା ସହ ସମୟସୀମା ମଧ୍ୟରେ ଅନଲାଇନ୍ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରାଯାଇଛି।

# ବରଗଡ଼ ମହିଳା ସମିତି ପକ୍ଷରୁ ରିଲିଫ

ବରଗଡ଼, ୩୦/୭ (ଆନିସ): ଜୀରା ନଦୀ ବନ୍ୟାଜଳ ଦ୍ୱାରା ପ୍ରଭାବିତ ବରଗଡ଼ ସହର ୱାର୍ଡ ନମ୍ବର ୧ ନଦୀ କୂଳିଆ ବସ୍ତି ବାସିନ୍ଦାଙ୍କୁ ଆଜି ବରଗଡ଼



ମହିଳା ସମିତି ପକ୍ଷରୁ ଶୁଖିଲା ଖାଦ୍ୟ ଚୁଡ଼ା, ଗୁଡ଼, ବିସ୍କୁଟ ଓ କଦଳୀ ବଣ୍ଟନ କରାଯାଇଥିଲା। ନଦୀର ବନ୍ୟାଜଳ ଘର ମାନଙ୍କୁ ପ୍ରବେଶ କରି ଦୁଃସ୍ଥିତିରେ ଥିବା ୧୦ ନମ୍ବର ଗଳି ବାସିନ୍ଦା ୧୦୦ ଜଣଙ୍କୁ ଏହି ଶୁଖିଲା ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଥିଲା। ଗର୍ଭବତୀ ମହିଳା, ଶିଶୁ ଏବଂ ବୃଦ୍ଧବୃଦ୍ଧାଙ୍କୁ ବିଶେଷ ପ୍ରାଥମିକତା ଦିଆଯାଇଥିଲା। ପ୍ରବଳ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ପରିବାର ଙ୍କ ପାଇଁ ତାରପୋଲିନ ଆବଶ୍ୟକତା ଥିବା ଯୋଗୁଁ ଏ ଦିଗରେ ଜିଲ୍ଲା ପ୍ରଶାସନ ସହାୟତା ଯୋଗାଇ ଦେବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ସମିତିର ସଭାନେତ୍ରୀ ମନ୍ଦାକିନୀ ପତି ଓ ସମ୍ପାଦିକା ରିନୁ ପତିଙ୍କ ନେତୃତ୍ୱରେ ସଦସ୍ୟଗଣ ମମତା ମିଶ୍ର, ସୁଧାଂଶୁ ବାଲା ଦାଶ, କନକ ପ୍ରଧାନ, ସଙ୍ଗୀତା ଗୁପ୍ତା, ସୁଜାତା ପଣ୍ଡା, ସଂଘମିତ୍ରା ପଟେଲ, ସଲୋନି ଦାଶ, ଦୀବ୍ୟକାନ୍ତି ଭୋଇ, ବିନୋଦିନୀ ପ୍ରଧାନ ପ୍ରମୁଖ ଘରକୁ ଘର ଯାଇ ରିଲିଫ୍ ବଣ୍ଟନ କରିଥିଲେ।

# ରେଳ ଉନ୍ନୟନ ପାଇଁ ରେଳମନ୍ତ୍ରୀଙ୍କୁ ଭେଟିଲେ ସାଂସଦ ପ୍ରଦୀପ ପୁରୋହିତ

- ୪ଟି ନୂତନ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତାବ ଦେଲେ
- ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି

ବରଗଡ,୩୦/୦୭: ବରଗଡ଼ ଲୋକସଭା କ୍ଷେତ୍ର ଅନ୍ତର୍ଗତ ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ରେଳ ସେବାର ବିକାଶ, ଯାତ୍ରୀ ସୁବିଧା ବୃଦ୍ଧି ଓ ନୂତନ ଟ୍ରେନ୍ ସେବା ପ୍ରଚଳନ ଦାବିରେ ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ବିସ୍ତୃତ ପତ୍ର ଲେଖିଛନ୍ତି ।ପତ୍ରରେ ସାଂସଦ ଶ୍ରୀ ପୁରୋହିତ ଇସ୍ପାତ ଏକ୍ସପ୍ରେସ (୧୨୮୭୧/୧୨୮୭୨)ର ନିୟମିତ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରି ଏହାର ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି। ସେହିପରି ବ୍ରଜରାଜନଗରକୁ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଉଲ୍ଲେଖ କରି ସେଠାରେ ଉନ୍ନତ ରେଳ ସେବା ଓ ଯାତ୍ରୀ ସୁବିଧା ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ସାଂସଦ ବ୍ରଜରାଜନଗର,ଝାରସୁଗୁଡ଼ା, ବରପାଲି ଓ ଅତାବିରା ରେଳ ଷ୍ଟେସନରେ ଅନେକ ଦୂରଗାମୀ ଟ୍ରେନର ରହଣି ବ୍ୟବସ୍ଥା କରିବା ଏବଂ ପୂର୍ବରୁ ବନ୍ଦ ହୋଇଥିବା କିଛି ଟ୍ରେନ୍ ରହଣିକୁ ପୁନଃସ୍ଥାପନ କରିବାକୁ ଦାବି କରିଛନ୍ତି। ଏଥିସହ ବିଲାସପୁର-ପୁରୀ ନୂତନ ଟ୍ରେନ୍, ଟିଟିଲାଗଡ଼/ବଲାଙ୍ଗୀର-ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ, ଝାରସୁଗୁଡ଼ା-ବିଶାଖାପାଟଣା ବନ୍ଦେ ଭାରତ ଏବଂ ବରଗଡ଼/ବଲାଙ୍ଗୀରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ନୂତନ କୋଚିଂ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତାବ ଦେଇଛନ୍ତି। ପତ୍ରରେ ଗୋଣ୍ଡୱାନା ଏକ୍ସପ୍ରେସକୁ ସମ୍ବଲପୁର ପର୍ଯ୍ୟନ୍ତ, ଜନ ଶତାବ୍ଦୀ ଏକ୍ସପ୍ରେସକୁ ଝାରସୁଗୁଡ଼ା କିମ୍ବା ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ସହ ହୀରାକୁଦ ଏକ୍ସପ୍ରେସର ସାପ୍ତାହିକ ଚଳାଚଳକୁ ଦୈନିକ କରିବା ପାଇଁ ମଧ୍ୟ ଦାବି କରାଯାଇଛି।



ବ୍ରଜରାଜନଗର ରେଳ ଷ୍ଟେସନରେ ଶୌଚାଳୟ, ଡିସପ୍ଲେ ବୋର୍ଡ, କୋଚ୍ ଗାଇଡେନ୍ସ ସିଷ୍ଟମ୍, ଉନ୍ନତ ଘୋଷଣା ବ୍ୟବସ୍ଥା ଓ ଆଲୋକୀକରଣ ବ୍ୟବସ୍ଥାର ଉନ୍ନତି ଏବଂ ବେଲପାହାଡ଼ ରେଳ ଷ୍ଟେସନର ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ କାର୍ଯ୍ୟଗୁଡ଼ିକର ଶୀଘ୍ର ସମ୍ପାଦନ ପାଇଁ ସେ ଦାବି କରିଛନ୍ତି।

ଏହାସହ ବହୁ ପ୍ରତୀକ୍ଷିତ ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସାଂସଦ ରେଳମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପଶ୍ଚିମ ଓଡ଼ିଶାର ଯାତ୍ରୀ ଚାହିଦା ଓ ବିକାଶମୂଳକ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଏହି ସମସ୍ତ ପ୍ରସ୍ତାବର ଶୀଘ୍ର ଅନୁମୋଦନ ଓ କାର୍ଯ୍ୟକାରୀ କରିବାକୁ ସେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ଜିଲ୍ଲାପାଳ

ଜଗତସିଂହପୁର,୩୦।୭ (ଆନିସ): ଲଘୁଚାପଜନିତ ବର୍ଷାରେ ସମଗ୍ର ଓଡ଼ିଶା ପ୍ରଭାବିତ ହୋଇଛି। ଗତ ୨୬ ତାରିଖ ରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି।

ଏପରି ସ୍ଥିତି ରେ ଆଜି ପୂର୍ବାହ୍ଣରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତ ର କୋଟକଣ, ମଣିଜଙ୍ଗା ପଞ୍ଚାୟତ ର ଗୋପାଳ ସାହିଓ ତିର୍ତ୍ତୋଲ ପଞ୍ଚାୟତ ର ଆଦିବାସୀ ସାହି ପରିଦର୍ଶନ କରିଥିଲେ। ରାହାମା ବଜାର ରେ ବ୍ରିଜ ନିକଟରେ ଓ କୁଜଙ୍ଗ ବ୍ଲକ ହରିପୁର ଠାରେ ବନ୍ୟା ପ୍ରଭାବିତ ଅଞ୍ଚଳ କୁ ଟ୍ରାକ୍ଟର ଯୋଗେ ଯାଇ ପରିଦର୍ଶନ କରିଥିଲେ। ପ୍ରଶାସନ ପକ୍ଷରୁ ପ୍ରାୟ ୧୨୦ ପ୍ରଭାବିତ ଙ୍କୁ ନିକଟସ୍ଥ ଆଶ୍ରୟ ସ୍ଥଳୀ କୁ ସ୍ଥାନାନ୍ତରିତ କରାଯାଇଛି। ଆଶ୍ରୟ ସ୍ଥଳୀ ରେ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ସହ ପାନୀୟ ଜଳ, ଆବଶ୍ୟକୀୟ ଔଷଧ, ପଲିଥିନ୍ ଆଦି ଯୋଗାଇ ଦିଆଯାଇଛି।



ଜିଲ୍ଲାପାଳ ପ୍ରଭାବିତ ମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବାସହ ଅଞ୍ଚଳ ବାସୀ ଭୟଭୀତ ନ ହୋଇ ଆଶ୍ରୟସ୍ଥଳୀ ରେ ରହିବାକୁ ପରାମର୍ଶ ଦେଇଛନ୍ତି।

ପ୍ରଭାବିତଙ୍କ ସହ ପ୍ରତ୍ୟକ୍ଷ କଥାବାର୍ତ୍ତା ପରେ ସେମାନଙ୍କ ଗୃହପାଳିତ ପଶୁ ପକ୍ଷୀ ମାନଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରିବା ସହ ସେମାନଙ୍କ ପାଇଁ ଗୋଖାଦ୍ୟ, ପଶୁଖାଦ୍ୟ ପାନୀୟ ଜଳ ବ୍ୟବସ୍ଥା ଓ ଆବଶ୍ୟକ ସ୍ଥଳେ ଔଷଧ ବ୍ୟବସ୍ଥା କରିବାକୁ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବର୍ଷା ଜନିତ ଫସଲ କ୍ଷୟକ୍ଷତିର ଆକଳନ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେବା ସହ ଆଦିବାସୀ ସାହି ନିକଟସ୍ଥ ଅଞ୍ଚଳ ରେ ଡ୍ରେନେଜ୍ ର ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରିବାପାଇଁ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ।

ଏହି ଗସ୍ତ ସମୟରେ ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବିଡ଼ିଓ,ତହସିଲଦାର,ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ପାଲିଙ୍କି ଯାତ୍ରା

ବାରିପଦା, ୩୦।୭ (ଆନିସ): ସ୍ଥାନୀୟ ବାଘଡାରୋଦ ସ୍ଥିତ ଶିରିଡି ସାଇ ପରିବାର ତରଫରୁ ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଯାଇଛି ସକାଳେ ସାଇ ବାବାଙ୍କ ଆରତୀ ପୂଜା ଅର୍ଚ୍ଚନା ପରେ ବାବାଙ୍କ ୧୦୮ ନାମ ଜପ ସହିତ ଶ୍ରୀଗୁରୁ ଭାଗବତ ସମୂହ ଗାନ କରାଯାଇଥିଲା ସନ୍ଧ୍ୟାରେ ଶହ ଶହ ଭକ୍ତଙ୍କ ଗହଣରେ ବାବାଙ୍କ ପାଲିଙ୍କି ଯାତ୍ରା ବାହାରି ବାଘଡାରୋଦ ମୁଖ୍ୟ ରାସ୍ତା ଦେଇ ବସଷ୍ଟାଣ୍ଡ, କଚେରୀ ବଜାର, ଏମ କେ ସି ହାଇସ୍କୁଲ, ବାଣ୍ଡିଆ ଜଗନ୍ନାଥ ମନ୍ଦିର, ଜୁବୁଲି ଲାଇବ୍ରେରୀ, କାଳୀ ମନ୍ଦିର ସାହି ଅତିକ୍ରମ କରି ମୂଳ ଆସ୍ଥାନକୁ ଫେରିଆସିଥିଲା ସମସ୍ତଙ୍କୁ ସାଇ ପରିବାର ତରଫରୁ ପ୍ରସାଦ ବଣ୍ଟନ କରାଯାଥିଲା ଶିରିଡି ପରିବାରର ମୁଖ୍ୟ ଉଦ୍ୟୋକ୍ତା ଡାକ୍ତର ରାଧାକୃଷ୍ଣ ବିଶ୍ୱାଳ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପନ୍ନ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ



# କଂଗ୍ରେସ ପକ୍ଷରୁ ରାଜ୍ୟ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ପୁରୀ,୩୦।୭(ଆନିସ): ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଏକାଧିକ ଥର ପରୀକ୍ଷା ପ୍ରଶ୍ନ ପତ୍ର ସର୍ବସାଧାରଣରେ ପ୍ରଘଟ ହୋଇଅଛି ଏହା ପ୍ରତିବାଦରେ ଆପଣ ମାନେ ଜାଣିଛନ୍ତି ନିକଟରେ ଛାତ୍ର ଏକତା ଏବଂ ବିରୋଧୀ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀ ଙ୍କ ଲଗାତାର ବିରୋଧ ଯୋଗୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଯଦିଓ ଇସ୍ତଫା ଦେଇଛନ୍ତି କିନ୍ତୁ ପ୍ରକୃତ ଲଢେଇ ଏ ପର୍ଯ୍ୟନ୍ତ ସରି ନାହିଁ । ଶାନ୍ତି ପୂର୍ଣ୍ଣ ଭାବରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଛାତ୍ର ମାନଙ୍କୁ ବର୍ବରିଚିତ ଆକ୍ରମଣ କରିଥିବା ପୋଲିସ କର୍ମଚାରୀ ଙ୍କ ବିରୁଦ୍ଧରେ ଏ ପର୍ଯ୍ୟନ୍ତ କୌଣସି ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରାଯାଇ ନାହିଁ । କେନ୍ଦ୍ର ଦ୍ୱାରା ପରିଚାଳିତ ପୋଲିସ କାହା ଅନୁମତି ରେ ଛାତ୍ର ଛାତ୍ରୀ ମାନଙ୍କୁ ଆକ୍ରମଣ କରିଥିଲା ତାହାର ଜବାବ ବାକି ରହିଅଛି ଏବଂ ଦିଲ୍ଲୀ ପୋଲିସ କେନ୍ଦ୍ର ଗୃହ ମନ୍ତ୍ରୀ ଙ୍କ ଅଧୀନରେ ଆସୁଥିବା ବେଳେ ଏକଛତ୍ରବାଦୀ ଶାସନର ପରିଚୟ ଦେଇ ଯେଉଁ ଅମାନୁଷିକ ଭାବେ ନିରୀହ ପ୍ରଦର୍ଶନକାରୀଙ୍କୁ ଆକ୍ରମଣ ହୋଇଥିଲା ତାହା ବିରୁଦ୍ଧରେ ଗୃହ ମନ୍ତ୍ରୀ ଏବଂ ପ୍ରଧାନ ମନ୍ତ୍ରୀ ଏ ପର୍ଯ୍ୟନ୍ତ ଏହି ବର୍ବରିଚିତ ଆକ୍ରମଣ ପାଇଁ କ୍ଷମା ପ୍ରାର୍ଥନା କରିନାହାନ୍ତି । ଏହା ସହିତ ରାଜ୍ୟ ର ନାହିଁ ନ ଥିବା ପାଠ୍ୟ ପୁସ୍ତକ ମୁଦ୍ରଣ ତ୍ରୁଟି, ଏବଂ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବା ବେଳେ ବିଗତ ଦିନରେ ପାଠ୍ୟ ପୁସ୍ତକ ଛପା ଯିବାରେ କୋଟି କୋଟି ଟାଙ୍କ ବିନିଯୋଗ ହେବା ପରେ ସରକାରଙ୍କର ଅପାରଗତା ପଦାକୁ ପଡିଛି ଏବଂ ଯେଉଁ ବ୍ୟତିକ୍ରମ ତଥା ପୁସ୍ତକ ମାନଙ୍କରେ ତ୍ରୁଟି ବାହାରିଛି ସେ ସମ୍ପର୍କରେ ରାଜ୍ୟ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏ ପର୍ଯ୍ୟନ୍ତ ଇସ୍ତଫା ଦେଇ ନାହାନ୍ତି ।



ଏହାର ପ୍ରତିବାଦରେ ପୁରୀ କଂଗ୍ରେସ ଭବନ ଠାରୁ ସୁବାଷ ବୋଷ ଛକ ପର୍ଯ୍ୟନ୍ତ ଶାନ୍ତି ପୁର୍ଣ ଭାବେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ, ସୁକାନ୍ତ ପ୍ରଧାନ, ବିଶ୍ୱରଂଜନ ସାମନ୍ତରାୟ , ବିଦ୍ୟୁଲତା ଆଚାର୍ଯ୍ୟ , ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର , ଉମାକାନ୍ତ ବରାଳ , ସରସ୍ବତୀ ପାତ୍ର, କାଳୀ ପ୍ରସାଦ ନାୟକ, ସୀତାକାନ୍ତ ମହାନ୍ତି, ଜିବେଶ ରଥ , , ଅମୀୟ ମହାପାତ୍ର , ବିଶ୍ୱନାଥ ଦାଶ, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର , ଅଶ୍ବିନୀ ବଳବନ୍ତରାୟ , ନିରଞ୍ଜନ ବିଶ୍ୱାଳ , କୁଶ ସେଠି , ମନୋଜ କୁମାର ବେହେରା , ସୂର୍ଯ୍ୟକାନ୍ତ ପଣ୍ଡା , ରୀସାନ କୁମାର ଦାଶ ଏବଂ ଶତାଧିକ ଛାତ୍ର ଓ ଦଳୀୟ କର୍ମୀ ଙ୍କ ଉପସ୍ଥିତିରେ ମହମବତୀ ଶୋଭା ଯାତ୍ରା ଆୟୋଜିତ କରାଯାଇଥିଲା ନିଟ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ହେବାପରେ ହତୋତ୍ସାହିତ ହୋଇ ଆତ୍ମହତ୍ୟା କରିଥିବା ଛାତ୍ର ଛାତ୍ରୀ ଙ୍କ ଆମର ଆତ୍ମା ର ସଦ୍ଗତି ନିମନ୍ତେ ସୁବାସ ବୋଷ ଛକ ଠାରେ ଏକ ମିନିଟ ର ମୌନ ପ୍ରାର୍ଥନା କରାଯିବା ସହ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦାବିରେ ସ୍ଲୋଗାନ ଦିଆ ଯାଇଥିଲା।

# ପନ୍ତିଖାରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୂଣ୍ୟ ପୀଠରେ ଅନ୍ନପୂର୍ଣ୍ଣା ବୃଷ୍ଟି ଯଜ୍ଞ ଉଦଯାପିତ

- ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ
- ଶାଗୁଆ ବର୍ଣ୍ଣର ଶାଳପତ୍ରରେ, ଉଷୁନା ଛଣା ଅନ୍ନ ପ୍ରସାଦ ମୁଖ୍ୟ ଆକର୍ଷଣ

ଓଡ଼ଗାଁ ୩୦/୦୭(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ଶାସନ ଗ୍ରାମରେ ବିରାଜିତ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୂଣ୍ୟ ପୀଠରେ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ୭୫ ତମ ବୃଷ୍ଟି ଯଜ୍ଞ ବୁଧବାର ଉଦଯାପିତ ହୋଇଯାଇଛି।ପନ୍ତିଖାରୀ ଏବଂ ନୋତରପଲ୍ଲୀ ଗାଁ ମିଳିତ ଆନୁକୂଲ୍ୟରେ ଆୟୋଜିତ ଅନ୍ନପୂର୍ଣ୍ଣା ବୃଷ୍ଟି ଯଜ୍ଞ ଚତୁର୍ଥ ସନ୍ଧ୍ୟାରେ ଯଜ୍ଞ କମିଟିର ସଭାପତି ପଣ୍ଡିତ ସତ୍ୟନାରାୟଣ ଷଡଙ୍ଗୀଙ୍କ ସଭାପତିତ୍ବରେ ଅନ୍ନପୂର୍ଣ୍ଣା ଯଜ୍ଞ କମିଟି ଏବଂ ବୈଦିକ ପ୍ରଚାର ସମିତିର ମିଳିତ ସହଯୋଗରେ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ କମଳାକାନ୍ତ ରଥ ଶର୍ମା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ।ଦୀର୍ଘ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଅନ୍ନପୂର୍ଣ୍ଣା ଯଜ୍ଞରେ ମୁଖ୍ୟ ପୁରୋଧା ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଆସୁଥିବା ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ,ଯଜ୍ଞ କମିଟି ସଭାପତି ତଥା ଯଜ୍ଞ କର୍ତ୍ତା ପଣ୍ଡିତ ସତ୍ୟନାରାୟଣ ଷଡ଼ଙ୍ଗୀ ଏବଂ ପଣ୍ଡିତ ସର୍ବେଶ୍ୱର ଦାଶଙ୍କୁ ଯଜ୍ଞ କମିଟି ତରଫରୁ ସମ୍ବର୍ଦ୍ଧିତ କରା ଯାଇଥିଲା।ବେଳେ ଯଜ୍ଞରେ ଅଂଶଗ୍ରହଣ କରି ଆସୁଥିବା ପଣ୍ଡିତ ସ୍ବର୍ଗତ ତ୍ରିନାଥ ହୋତାଙ୍କ ଆତ୍ମାର ସଦଗତି କାମନା ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ପ୍ରାକ୍ତନ କୁଳପତି ସ୍ବର୍ଗତ ପ୍ରଫେସର ଡ.ଚନ୍ଦ୍ରଶେଖର ଷଡ଼ଙ୍ଗୀଙ୍କ ପରିକଳ୍ପିତ ବୈଦିକ ପ୍ରଚାର ସମିତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ସାକାର କରିବା ନିମନ୍ତେ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ବୈଦିକ ବ୍ରାହ୍ମଣ ବର୍ଗ ସମାଜ ପକ୍ଷରୁ ସଙ୍କଳ୍ପ କରାଯାଇଥିଲା। ସାର୍ଥକ ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କୃଷ୍ଣ ଚନ୍ଦ୍ର ତ୍ରିପାଠୀ ସହଯୋଗ କରିଥିଲେ।ପୁସ୍ତକାଚାର୍ଯ୍ୟ ଶାନ୍ତନୁ କୁମାର ଦାଶ ସର୍ବ ଦ୍ରଷ୍ଟା ପନ୍ତିଖାରୀ ଶାସନ ଗ୍ରାମ ପରିଚାଳନା କମିଟି ସଭାପତି ଦ୍ବିତୀକୃଷ୍ଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ପଣ୍ଡିତ ଗୋଦାବରିଶ ହୋତାଙ୍କ ପରାମର୍ଶ ଅନୁସାରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିବା ବେଳେ, ପଣ୍ଡିତ ସର୍ବେଶ୍ୱର ଦାଶ ବ୍ରହ୍ମା,ରଘୁନାଥ ଦାଶ ସମିଧ, ଦିଲ୍ଲୀପ୍ କୁମାର ହୋତା ସାକଲ୍ୟ, ତନ୍ମୟ କୁମାର ହୋତା ଚରୁ, ନାରାୟଣ ଦାଶ ରୁଦ୍ରାଭିଷେକ,ଲଡୁକେଶ୍ବର ରଥ ଚଣ୍ଡୀ ପାଠ ଦାୟିତ୍ୱ ତୁଲାଇଥିଲେ। ସୁଧାଂଶୁ ଶେଖର ଦାଶ ଗଙ୍ଗାଧର ଷଡଙ୍ଗୀ, ବସନ୍ତ କୁମାର ଦାଶ,ଅଶୋକ କୁମାର ମହାପାତ୍ର,ପ୍ରମୁଖ ୪ ଦ୍ବାର ଯଜ୍ଞ କୁଣ୍ଡରେ ୪ ବେଦଙ୍କୁ ଆହୂତି ପ୍ରଦାନ କରିଥିଲେ।ଗ୍ରାମ ଯଜ୍ଞ କମିଟି ସଭାପତି,ସମ୍ପାଦକ ଜୟନ୍ତ କୁମାର ଦାଶ, ଅନ୍ୟ ସଦସ୍ୟ ଏବଂ ପନ୍ତିଖାରୀ ଶାସନ ଓ ନୋତରପଲ୍ଲୀ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ନୀଳକଣ୍ଠେଶ୍ୱର କ୍ଲବ୍ ସହିତ ଅନ୍ୟ ଅନୁଷ୍ଠାନର ଯୁବକମାନେ ସହଯୋଗ କରିଥିଲେ।



# କିଶୋର ଆଇନ ଓ ଶିକ୍ଷା ଏକ ମୌଳିକ ଅଧିକାର ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ

ଓଡ଼ଗାଁ ୩୦/୦୭ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ସେଣ୍ଟ ଜାଭିୟାର ବିଦ୍ୟାଳୟ ପରିସରରେ ଓଡ଼ଗାଁ ତାଲୁକ ଆଇନ ସେବା ପ୍ରାଧିକରଣ ତରଫରୁ ତାଲୁକ ଆଇନ ସେବା ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସଂଘମିତ୍ରା ଶର୍ମାଙ୍କ ଅଧକ୍ଷତାରେ କିଶୋର ଆଇନ ଓ ଶିକ୍ଷା ଏକ ମୌଳିକ ଅଧିକାର ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି ଉକ୍ତ ସଭାରେ ଦେୱାନୀ (ବରିଷ୍ଠ ) ବିଭାଗ ବିଚାରପତି ରାଜେନ୍ଦ୍ର ଦାସ, ଦେୱାନୀ (କନିଷ୍ଠ ) ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ, ଗ୍ରାମ ନ୍ୟାୟାଳୟର ବିଚାରପତି ଏସ.ଆର.ତୋଷାଳୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ରୀନା ପ୍ରଧାନ, ଉକ୍ତ ବିଦ୍ୟାଳୟ ପରିଚାଳକ ମନୋଜ ନାୟକ, ଓକିଲ ସଂଘ ସମ୍ପାଦକ ଚିରଞ୍ଜିବି ଦାଶ, ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ଇନ୍ଦୁଭୂଷଣ ମିଶ୍ର, ସରକାରୀ ଆଇନଜୀବୀ ବସନ୍ତ କୁମାର ମହାନ୍ତି ଓ ଚିତ୍ତରଞ୍ଜନ ଦାଶ ଏବଂ ଅନ୍ୟ ଆଇନଜୀବୀ, ବିଦ୍ୟାଳୟର ଶିକ୍ଷୟତ୍ରୀ, ଛାତ୍ର ଓ ଛାତ୍ରୀ ମାନେ ଯୋଗ ଦେଇଥିଲେ ବକ୍ତା ମାନେ ୦୬ ବର୍ଷରୁ ୧୪ ବର୍ଷ ଶିଶୁ ମାନଙ୍କୁ ସରକାର ପଦକ୍ଷେପ ନେଇଥିବା ବାଧ୍ୟତା ମୂଳକ ଶିକ୍ଷା ଓ ଯୋଜନା ସମ୍ପର୍କରେ ଏବଂ କିଶୋର ଆଇନର ବିଭିନ୍ନ ଦିଗ ସମ୍ପର୍କରେ ମତ ରଖି ଉପସ୍ଥିତ ଛାତ୍ର ଓ ଛାତ୍ରୀ ମାନଙ୍କୁ ପରିବାର, ସମାଜ ଓ ବିଦ୍ୟାଳୟରେ କିପରି ବ୍ୟବହାର ପ୍ରଦର୍ଶନ କରି ପ୍ରିୟଭାଜନ ହେବେ ଉପାଦେୟ ଉପଦେଶ ଦେଇଥିଲେ ଉକ୍ତ ଆଲୋଚନା ଚକ୍ରକୁ ତାଲୁକ ଆଇନ ସେବା ପ୍ରାଧିକରଣ ସଂଯୋଜିକା ଶ୍ରଦ୍ଧାଞ୍ଜଳୀ ରଥ ସଂଯୋଜନା କରିଥିଲେ ।

# ଓଡ଼ଗାଁ ଆଦର୍ଶ ଥାନା ନିଖୋଜ ୨ ନାବାଳିକା ଉଦ୍ଧାର, ପରିବାର ଲୋକଙ୍କୁ ହସ୍ତାନ୍ତର

ଓଡ଼ଗାଁ ୩୦/୦୭ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ନିଖୋଜ ହୋଇଥିବା ୦୨




ନାବାଳିକାଙ୍କୁ ଓଡ଼ଗାଁ ଆଦର୍ଶ ଥାନା ପୋଲିସ ଭିନ୍ନ ଭିନ୍ନ ସ୍ଥାନରୁ ଉଦ୍ଧାର କରି ଆବଶ୍ୟକୀୟ ପ୍ରକ୍ରିୟା ସାରିବା ପରେ ସେମାନଙ୍କ ଅଭିଭାବକ ମାନଙ୍କୁ ହସ୍ତାନ୍ତର କରିଛନ୍ତି। ଓଡ଼ଗାଁ ଥାନା ନିଖୋଜ ମାମଲା ନମ୍ବର ୧୬୩/୨୬ ଅନୁସାରେ ବାହାଡ଼ାଖୋଲା ଫାଣ୍ଡି ଅଞ୍ଚଳର ଜନୈକା ୧୬ ବର୍ଷର ନାବାଳିକା ଏବଂ ମାମଲା ନମ୍ବର ୨୨୦/୨୬ ୧୪ ବର୍ଷର ନାବାଳିକାକୁ ଓଡ଼ଗାଁ ପୋଲିସ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିବା ପରେ ଭାରତୀୟ ନ୍ୟାୟ ସହିଁତା ଧାରା ୧୩୭ ଉପଧାରା (୨) ଅନୁସାରେ ଓଡ଼ଗାଁ ପୋଲିସ ପରବର୍ତ୍ତୀ ତଦନ୍ତ ଚାଲୁ ରଖିଛନ୍ତି ବୋଲି ଆଇଆଇସି ସତ୍ୟନାରାୟଣ ବାରିକଙ୍କ ଠାରୁ ପ୍ରକାଶ।ସମ୍ପ୍ରତି ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଜାରି ରହିଥିବା ବେଳେ ସଚେତନତାର ଅଭାବରୁ ଦିନକୁ ଦିନ ନାବାଳିକା ନିଖୋଜ ଘଟଣା ବଢ଼ିବାରେ ଲାଗିଛି। କମିବାର ନାଁ ଧରୁନାହିଁ । ଏହାକୁ ରୋକିବା ପାଇଁ ପ୍ରଶାସନିକ ସ୍ତରରେ ଅନ୍ୟ ବିକଳ୍ପ ଉଦ୍ୟମ କରିବାର ଆବଶ୍ୟକତା ରହିଛି ।

# ୮୦ କିଲୋମିଟରର ଗ୍ରୀନ କରିଡର

ପୁରୀ, ୩୦।୭ (ଆନିସ): ଜୀବନ ବଂଚେଇବା ପାଇଁ ଗ୍ରୀନ କରିଡର । ନାବାଳକ ର ଜୀବନ ବଞ୍ଚେଇବା କୁ ଦୀର୍ଘ ୮୦ କିଲୋମିଟର କରିଡର ପ୍ରସ୍ତୁତ କଲା କୃଷ୍ଣପ୍ରସାଦ ପୋଲିସ। ନାବାଳକର ପେଟରେ ପଶିଗଲା ସାଁଇକେଲ ହ୍ୟାଣ୍ଡେଲ। ଏବେ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମକେସିଜି ହସପିଟାଲରେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି ୫ଶ୍ରେଣିର ଛାତ୍ର ପ୍ରଭୁଦତ୍ତ ଜେନା । ଦୁର୍ଘଟଣା ଏତେ ବୀଭତ୍ସ ଯେ ଦେଖି ବି ହେବନାହିଁ। ମନକୁ ବିଚଳିତ କରିଦେବ ଗୁରୁତର ଅବସ୍ଥାରେ ପଡ଼ିଥିବା ଏହି ଛାତ୍ରଙ୍କ ଅବସ୍ଥା। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ପଥରକଟା ଗାଁର ପଂଚମ ଶ୍ରେଣିର ଛାତ୍ର। ସୁବଦିନ ଭଳି ନିଜ ସାଇକେଲ ଧରି ବାହାରି ପଡ଼ିଥିଲେ ସ୍କୁଲକୁ। ଭଲରେ ଭଲରେ ପହଂଚି ବି ଯାଇଥିଲେ। କିନ୍ତୁ ଫେରିବା ବାଟରେ ସେତେ ଯେମିତି ଅପେକ୍ଷା କରି ରହିଥିଲା ଅଘଟଣ। ହଠାତ ସାଇକେଲରୁ ଖସି ପଡ଼ିବା ପରେ ହ୍ୟାଣ୍ଡେଲଟି ନାବାଳକର ପେଟରେ ପଶିଯାଇଥିଲା। ପେଟରେ ଗୋଟିଏ ପଟେ ପଶି ଅନ୍ୟ ପଟେ ବାହାରି ଯାଇଥିଲା ହ୍ୟାଣ୍ଡଲଟି। ଫଳରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଗାଁ ଲୋକେ ସଙ୍ଗେ ସଂଗେ ଆମ୍ବୁଲାନସକୁ ଡାକି ମେଡିକାଲକୁ ନେଇ ଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସା ସମ୍ଭବ ନହେବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ରେଫର କରିଥିଲେ ସ୍ଥାନୀୟ ଡାକ୍ତର। ପୁରୀ ଏସଡ଼ିପିଓ ମାନସ ରଂଜନ ବାରିକଙ୍କ ଉଦ୍ୟମ ଏବଂ କୃଷ୍ଣପ୍ରସାଦ ଥାନା ପୋଲସ ର ଉଦ୍ୟମ ରେ ଏକ ୮୦ କିଲୋମିଟର ଟ୍ରାଫିକ ମୁକ୍ତ ଗ୍ରୀ ନ କରିଡର ତିଆରି କରଥିଲା ପୋଲସ। ଛାତ୍ରଙ୍କୁ ଏମକେସିଜି ନେବାର ବ୍ୟବସ୍ଥା ଖୁବଶୀଘ୍ର କରାଯାଇଥିଲା। ଏବେ ଏମକେସିଜିରେ ଛାତ୍ରଙ୍କୁ ବଂଚାଇବା ପାଇଁ ଏକ ବଡ଼ ଧରଣର ଡାକ୍ତରୀ ଟିମ ଲାଗିଛନ୍ତି। ଚାଲିଛି ଭାଗ୍ୟ ସହ ଜୀବନ ମରଣର ସଂଘର୍ଷ।.

# ମେଡିକାଲ୍ କଲେଜ ନାମ କରଣକୁ ଜିଲ୍ଲା ଆଦିବାସୀ ମିଳିତ ମଞ୍ଚର ବିରୋଧ

ଫୁଲବାଣୀ -୩୦/୦୭(ଆନିସ) :ଫୁଲବାଣୀ ମେଡିକାଲ କଲେଜ ର ନାମ କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାରୀ ଭାବେ ସ୍ବାମୀ ଲକ୍ଷ୍ମଣ ନନ୍ଦ ସରସ୍ବତୀ ଙ୍କ ନାମରେ ନାମିତ




କରିବା ପାଇଁସରକାରୀ ନିର୍ଦ୍ଦେଶ ନାମ କୁ ବିରୋଧ କରିଛି ଜିଲ୍ଲା ଆଦିବାସୀ ମିଳିତ ମଞ୍ଚ କଂଧମାଳ ଜିଲ୍ଲାରେ ଅଧା ରୁ ଅଧିକ ଆଦିବାସୀ ଲୋକ ଥିବାବେଳେ ଆଦିବାସୀ ନେତା ମାନଙ୍କ ସହ ଆଲୋଚନା ନ କରି କୁଇ ସମ୍ପ୍ରଦାୟର ଯୋଗ୍ୟ ବ୍ୟକ୍ତି ବିଶେଷ ଙ୍କ ନାମକୁ ବିଚାର କୁ ନ ନେଇ କନ୍ଧମାଳ ଭେଷଜ ମହାବିଦ୍ୟାଳୟ ର ନାମ କରଣ କରି ଅନ୍ୟାୟ କରିଥିବା ଜିଲ୍ଲା ଆଦିବାସୀ ମିଳିତ ମଞ୍ଚ ଉପଦେଷ୍ଟା ତଥା ବରିଷ୍ଠ ଆଦିବାସୀ ନେତା ଆଇନଜୀବି ଲମ୍ବୋଦର କହଁର ସାମ୍ବାଦିକ ସମ୍ମିଳନୀ ରେ ମତ ପ୍ରକାଶ କରିଛନ୍ତି ସରକାରୀ ଭାବେ ଜାରୀ କରଯାଇଥିବା ନିର୍ଦ୍ଦେଶ କୁ ରଦ୍ଦ କରିବା ପାଇଁ ଦାବୀ କରିଛନ୍ତି ସରକାର ପନ୍ଦର ଦିନ ମଧ୍ୟରେ ନାମ ପ୍ରତ୍ୟାହାର ନ କଲେ ଆନ୍ଦୋଳନ କୁ ଜୋରଦାର କରିବାକୁ ସେ ଚେତାବନୀ ଦେଇଛନ୍ତି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଆଦିବାସୀ ମିଳିତ ମଞ୍ଚ ସମୀର ଘଟାଲ୍, କାର୍ଯ୍ୟ କାରୀ ସଭାପତି ରମାକାନ୍ତ ମଲିକ, କୁଇ ସମାଜ ସେବୀ ସମିତି ପଞ୍ଚାନନ କହଁର, ପଙ୍କଜ ଦିଗାଲ, ପଣ ସମାଜ, ଆଦିବାସୀ ନେତା ଗୌତମ ପ୍ରଧାନ, କାର୍ଯ୍ୟ କାରିଣୀ ସଦସ୍ୟ ,ରାଜ୍ୟଆଦିବାସୀ ମହସଂଘ ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୧ଟି ପୋଲିସ ଥାନା ଅଞ୍ଚଳରେ ୩୦ ଧାରା ଆଜିଠୁ ତିନି ମାସ ପର୍ଯ୍ୟନ୍ତ ବଳବତ୍ତର

କଟକ,୩୦।୭(ଆନିସ): ସବିଶେଷ ସୂଚନା ଅନୁଯାୟୀ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଶ୍ରମିକ ସାମୁଖ୍ୟ/ଛାତ୍ରସଂଘ ଇତ୍ୟାଦି ଏବଂ ଅନ୍ୟାନ୍ୟ ଶ୍ରେଣୀ /ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସାଧାରଣସଭା ଆଦି ସର୍ବସାଧାରଣସ୍ଥାନ/ ସାହି ଏବଂ କଟକ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ସଂଗଠିତ ହୋଇଥାଏ । ଏହି ଶୋଭାଯାତ୍ରା ଓ ସାଧାରଣସଭା ଗୁଡିକୁ ସର୍ବସାଧାରଣ ସ୍ଥାନରେ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ଅଧିନିୟମ ୩୦ ଅନୁଯାୟୀ ଜିଲ୍ଲାର ସମସ୍ତ ୨୧ଗୋଟି ପୋଲିସ ଥାନା ଯଥା- ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର ,କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର ,ଟାଙ୍ଗୀ, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଆଠଗଡ, ତିଗିରିଆ, ବଡମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋବ୍ରମ , କାନପୁର, ବାଙ୍କୀ ଓ ବଇଦେଶ୍ୱର ପୋଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି ।

ଏଠାରେ ସୂଚୀତ କରାଯାଇପାରେ ଯେ,ତା ୩୧.୦୭.୨୦୨୬ ଠାରୁ ୨୮.୧୦.୨୦୨୬ ରିଖ ମଧ୍ୟରେ ଯଦି କୌଣସି ସଂଗଠନ / ବ୍ୟକ୍ତିବିଶେଷ, ସାମୁହିକଭାବେ ଶୋଭାଯାତ୍ରା/ ଧାରଣା/ ଅନିୟନ୍ତ୍ରିତ ଗହଳି ସଂଗଠିତ ହେଉଥିବା ଓ ଏଥିଜନିତ ଶାନ୍ତିଭଙ୍ଗ ହେବାର ଆଶଙ୍କା ଥିଲେ ସେଥିନିମନ୍ତେ ସଂପୃକ୍ତ ଅଞ୍ଚଳ ଉପଖଣ୍ଡ ପୋଲିସ ଅଧିକାରୀ/ ପୋଲିସ ନିରୀକ୍ଷକ / ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ୩୦ଧାରା ଅନୁଯାୟୀ ଅନୁମତି ପ୍ରାପ୍ତ କରିବାକୁ ହେବ ବୋଲି ଆରକ୍ଷୀ ଅଧୀକ୍ଷକ , କଟକ ଆଦେଶନାମାରେ ପ୍ରକାଶ କରିଛନ୍ତି । ବିଶେଷ ଭାବରେ ସାଧାରଣସଭା ସଂଗଠିତ କରିବା ନିମନ୍ତେ ଆବେଦନକାରୀ ସମୟ, ସ୍ଥାନ ଓ ଉଦ୍ଦେଶ୍ୟ ଏବଂ ସ୍ଥିରୀକୃତ ବକ୍ତାମାନଙ୍କ ନାମ ସୂଚୀତ କରିବାକୁ ଆଦେଶନାମାରେ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଶୋଭାଯାତ୍ରା କ୍ଷେତ୍ରରେ ଦରଖାସ୍ତ ଗୁଡିକ ଏହାର ଗନ୍ତବ୍ୟସ୍ଥଳ , ରହଣୀସ୍ଥାନ , ସମୟ , ଅଂଶଗ୍ରହଣକାରୀଙ୍କ ଆନୁମାନିକ ସଂଖ୍ୟା , ଯଦି ଡାକବାଜି ଯନ୍ତ୍ର ଓ ସଂଗୀତ ଯନ୍ତ୍ରାଂଶର ଆବଶ୍ୟକ ଥାଏ, ତେବେ ଏହାର ସଂଖ୍ୟା ନିରୂପଣ ପୂର୍ବକ ଉଲ୍ଲେଖ କରିବା ଆବଶ୍ୟକ । ଏଥିସହ ଆବେଦନକାରୀ ଯଦି ଆତସବାଜି ପ୍ରଦର୍ଶନ କରିବାକୁ ଚାହୁଁଥାନ୍ତି ତେବେ ତାହା କେଉଁ ଶ୍ରେଣୀଭୁକ୍ତ ଏବଂ ଏହାର ନିର୍ଦ୍ଧାରିତ ସମୟ ଓ ପ୍ରଦର୍ଶନ ସ୍ଥାନ ସୂଚୀତ କରିବାର ଆବଶ୍ୟକତା ରହିଛି ବୋଲି ଆଦେଶନାମାରେ ଉଲ୍ଲେଖ କରାଯାଇଛି ।

ବିଜ୍ଞପ୍ତି ମୁତାବକ, ଅନୁଜ୍ଞାପତ୍ର ପ୍ରାପ୍ତ ନିମନ୍ତେ ପ୍ରତ୍ୟେକ ଦରଖାସ୍ତ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କାର୍ଯ୍ୟକ୍ରମ ସଂଗଠିତ ହେବାର ସର୍ବନିମ୍ନ ୩ଦିନ ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଏଠାରେ ସୂଚୀତ କରାଯାଇପାରେ ଯେ, ଏହି ଆଦେଶନାମା ପୂର୍ବସୂଚୀତ ଅଞ୍ଚଳଗୁଡିକରେ ୯୦ଦିନ ପର୍ଯ୍ୟନ୍ତ ତା ୩୧.୦୭.୨୦୨୬ ଠାରୁ ୨୮.୧୦.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବା ବୋଲି ଜଣାଯାଇଛି । ଜିଲ୍ଲା ମାଜିଷ୍ଟ୍ରେଟ୍ ଙ୍କ ଦ୍ୱାରା ଏହି ଆଦେଶନାମା ସଂଖ୍ୟା ୨୩୪୦ / ନ୍ୟାୟିକ ତା ୨୯.୦୭.୨୦୨୬ ରିଖ ରେ ଅନୁମୋଦନ ଲାଭ କରିଛି ବୋଲି ଆରକ୍ଷୀ ଅଧୀକ୍ଷକ,କଟକ ସୂଚନା ଦେଇଛନ୍ତି ।

# ବୈତରଣୀ ପାଣି କମିଛି, ତରପଦା-କସପାରେ ଅମୁଣି ଦୁର୍ଦ୍ଦଶା

## ୫ ଟି ମୁଖ୍ୟ ରାସ୍ତା ବିଚ୍ଛିନ୍ନ, ଗୃହ ପାଳିତ ପଶୁଙ୍କୁ ଲୋକେ ନଦୀ ବନ୍ଧରେ ଅହିୟାସ ବଜାରର ୨ ଶହ ବ୍ୟବସାୟ ପ୍ରତିଷ୍ଠାନ ଜଳ ଘେରରେ




ଯାଜପୁର ୩୦/୭ (ଆନିସ ) ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ବନ୍ୟା ଓ ତରପଦା ଠାରେ ୨ ଟି ଘାଇ ଯୋଗୁଁ ତରପଦା ଓ କସପା ପଞ୍ଚାୟତରେ ବନ୍ୟା ଜଳ ତାଣ୍ଡବ ରଚିଛି । ଘାଇ ସୃଷ୍ଟି ହେବାର ୪୦ ଘଣ୍ଟା ପରେ ମଧ୍ୟ ସୁଧାର ଆସିନି। ଯୁଆଡ଼େ ଆଖି ପକାଇବ ଖାଲି ପାଣି ଆଉ ପାଣି । ସୁଅ ଛୁଟିଛି ମୁଖ୍ୟ ରାସ୍ତାରେ ।

ବୈଶପାନ, ମଙ୍ଗଳପୁର ବୈଶ ପାନ, ମଙ୍ଗଳପୁର ନିଜାମପୁର, ଦଉପୁର ଅର୍ଦ୍ଧାଉଳିଆ, ବୈଶପାନ କୁଆଁର ସାହି, ଅହିୟାସ ରାମ ଚନ୍ଦ୍ରପୁର, ଡୋଭା ବିଲ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଛି।ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରଭାବିତ ପଞ୍ଚାୟତରେ ରନ୍ଧା ଖାଦ୍ୟ ଦିଆଯାଉଛି।ସେହିପରି ବିଜେପି ପକ୍ଷରୁ କସପା, ଗୋପାଳ ମଣ୍ଡପ, ଦାଣ୍ଡି ସାହି, ଡୋଭାବିଲ, ନଦୀ ବନ୍ଧରେ ୨ ଟି, ଅହିୟାସ, ମଲ୍ଲିକା ପୁର ଠାରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦିଆଯାଉଛି । ବିଜେପି ନେତା ଗୌତମ ରାୟ ଫ୍ରିକିଚେନ ପରିଦର୍ଶନ କରିଛନ୍ତି । ଘରେ ରହିଥିବା ମହିଳା, ବୃଦ୍ଧ ବୃଦ୍ଧାଙ୍କୁ ଅଣ୍ଟାଏ ପାଣିରେ ପଶି ଯୁବ ସ୍ୱେଚ୍ଛାସେବୀ ଖାଦ୍ୟ ପୁଡିଆ ଘରେ ଘରେ ଦେଉଛନ୍ତି । ବ୍ଲକକୁ ଆସିଥିବା ୩୦ ମେଟ୍ରିକ ଟନ ଗୋଖାଦ୍ୟ ଏବେ କେତେକ ପଞ୍ଚାୟତରେ ପହଞ୍ଚିଛି। ଉଭୟ ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ୟା ପରବର୍ତ୍ତୀ ସ୍ଥିତି ଓ ଉପରେ ନଜର ରଖାଯାଇଛି । ବିପନ୍ନଙ୍କୁ ପାଲ ଯୋଗାଇ ଦିଆଯାଉଛି।

# ପୁରାତନ ଛାତ୍ରଙ୍କ କୃତିତ୍ୱ

ବାରିପଦା,୩୦।୭ (ଆନିସ): ମୟୂରଭଞ୍ଜ ଜିଲ୍ଲା ବାମନ ଘାଟି ଉପଖଣ୍ଡ ରାଇରଙ୍ଗପୁର ସହରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଇରଙ୍ଗପୁର ର ପୁରାତନ ଛାତ୍ର ଶ୍ରୀମାନ ଶିବବ୍ରତ ଗିରି , ପିତା ସୁବ୍ରତ କୁମାର ଗିରି , ମାତା ସୁଭଦ୍ରା ଗିରି , ଗ୍ରାମ କୁକୁଡ଼ି ମୁଣ୍ଡି , ଗୋରୁମହିଷାଣୀ । ବିଗତ ନିଟ୍ ପରୀକ୍ଷା ରେ ସଫଳତା ସହ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ତଥା ଏହି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତା ୨୯/୭/୨୬ ରିଖ ଦିନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଳିତ ହୋଇଥିବା ଗୁରୁ ପୂର୍ଣ୍ଣିମା ଉତ୍ସବ ଅବସର ରେ ଶିବ ବ୍ରତ ଭାଇ ଙ୍କୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ବାରିକ ଓ ସ୍ତର ପ୍ରମୁଖ ସରୋଜ କୁମାର ମହନ୍ତ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ସଫଳତା ପାଇଁ ବିଦ୍ୟାଳୟର ଗୁରୁଜୀ , ଗୁରୁମାଙ୍କ ସହିତ ପରିଚାଳନା ସମିତିର ସଦସ୍ୟ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ବିନିକାରେ ବୃକ୍ଷ ରୋପଣ



ବିନିକା ୩୦ । ୭ ( ଆନିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ସମ୍ପଦ କେନ୍ଦ୍ର ପାଖରେ ଗୁରୁବାର ଭୀମଭୋଇ ସେବା ଫାଉଣ୍ଡେସନ ପକ୍ଷରୁ ୫୦ ରୁ ଅଧିକ ବୃକ୍ଷ ରୋପଣ କରାଯାଇଛି ସମସ୍ତ ଚାରା ବିନିକା ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ,, ଓ ଫରେଷ୍ଟର ବନମାଳୀ ପାଣ୍ଡେ, ବିଭିନ୍ନ ପ୍ରକାର ତଥା ନିମ୍ବ, ଆମ୍ବ ଆଇଁଳା, କଦମ୍ବ ଚାରା ପ୍ରଭୃତି ଯୋଗାଇ ଦେଇଥିଲେ ସେବା ଫାଉଣ୍ଡେସନ ର କର୍ମକର୍ତ୍ତା ଆଶିଷ ବାଘ, ମାମୁନା ନନ୍ଦ, ବାପୁନା ନନ୍ଦ, ପୂର୍ଣ୍ଣ ଦୀପ, ମୁକ୍ତି ବାଘ, ସୁବାଶିଷ ବାଘ,ପ୍ରମୁଖ ବୃକ୍ଷ ରୋପଣ କରିଥିଲେ ।

# ପୋକ୍ସୋ ମାମଲାରେ ଦୋଷୀ ସାବ୍ୟସ୍ତ, ୫ ବର୍ଷ ସଶ୍ରମ କାରାଦଣ୍ଡ

ପୁରୀ, ୩୦।୭ (ଆନିସ): ପୁରୀ ପୋଲିସର ଦକ୍ଷ ତଦନ୍ତ, ସଠିକ୍ ପ୍ରମାଣ ସଂଗ୍ରହ ଓ କାର୍ଯ୍ୟକାରୀ ଆଇନଗତ ପଦକ୍ଷେପ ଫଳରେ ପିପିଲି ଥାନା କେସ୍ ନଂ. ୨୬୯/୨୦୨୫ (୩୩/୬୭ ଅଫ୍ ୨୦୨୫) ରେ ଆଜି ମାନ୍ୟବର ଅତିରିକ୍ତ ସେସନ୍ସ ଜଜ୍ , ପୁରୀ ଦୋଷୀ କାହ୍ନା ରାକେଶ ମହାରଣା (ବୟସ ୩୧ ବର୍ଷ)ଙ୍କୁ ପୋକ୍ସୋ ଆଇନର ଧାରା-୧୦ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାନ୍ୟବର ଅଦାଲତ ଦୋଷୀଙ୍କୁ ୫ (ପାଞ୍ଚ) ବର୍ଷ ସଶ୍ରମ କାରାଦଣ୍ଡ ସହ ₹୫,୦୦୦ ଜରିମାନା ଆଦାୟ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୧୫ ଦିନର କାରାଦଣ୍ଡ ଭୋଗ କରିବାକୁ ନିର୍ଦ୍ଦେଶ ରହିଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଶ୍ରୀ ଦୀପକ କୁମାର ନାୟକଙ୍କ ନିଷ୍ଠାପୂର୍ଣ୍ଣ ତଦନ୍ତ, ସାକ୍ଷ୍ୟ ପ୍ରମାଣର ସଠିକ୍ ଉପସ୍ଥାପନ ଏବଂ ସରକାରୀ ଅଭିଯୋଜକଙ୍କ ଦକ୍ଷ ପରିଚାଳନା ଫଳରେ ଏହି ଦୋଷୀ ସାବ୍ୟସ୍ତ ସମ୍ଭବ ହୋଇପାରିଛି। ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱରେ ପୁରୀ ପୋଲିସର ସମନ୍ୱିତ ଟିମ୍ୱର୍କ, ଦ୍ରୁତ ଓ ଗୁଣାତ୍ମକ ତଦନ୍ତ ମାଧ୍ୟମରେ ଏହି ସଫଳତା ହାସଲ ହୋଇଛି। ଶିଶୁଙ୍କ ବିରୋଧରେ ଅପରାଧ ପ୍ରତି ପୁରୀ ପୋଲିସ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ଆଗାମୀ ଦିନରେ ମଧ୍ୟ ଦୃଢ଼ତାର ସହ କାର୍ଯ୍ୟ କରିବ।

# ସ୍କୁଟି ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ, ପୁତୁରା ଗୁରୁତର

## ଦୁର୍ଘଟଣାର ପରଦିନ ବୁଦାରୁ ଉଦ୍ଧାର ହେଲେ ଗୁରୁତର ସ୍ୱାମୀ


ରାଇରଙ୍ଗପୁର , ୩୦।୭ (ଆନିସ): ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଶିମିଳି ନିକଟରେ ସ୍କୁଟି ଦୁର୍ଘଟଣାରେ ଜଣେ ମୃତ ଜଣେ ଗୁରୁତର ଆହତ ହୋଇଛନ୍ତି ପୁଣି ଜଣେ ନିଖୋଜ ଥିବା ବ୍ୟକ୍ତିଙ୍କୁ ତା ପରଦିନ ଏକ ଗହଳି ବୁଦାରୁ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ ଆଜି ପ୍ରାୟ ରାତି ୧୦ ଟା ସମୟରେ ଶିମିଳିନାଳି ପୋଲ ନିକଟରେ ସ୍କୁଟି ନଂ ଓଡ଼ି ୧୧ ଏଜି - ୧୧୩୬ ରେ ଗୋରୁମହିଷାଣି ଆଡକୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ କିମ୍ବା ଏକ ଅଜଣା ରାସ୍ତା କଡରେ ଥିବା ପଥର ରେ ଧକ୍କା ଦେଇ ଦୁର୍ଘଟଣା ଘଟିଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ସେଠାରେ ମହିଳାଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ଯୁବକ ଜଣକ ଗୁରୁତର ଆହତ ହୋଇଛନ୍ତି । ରିପୋର୍ଟ ଲେଖା ହେବା ସୁଦ୍ଧା ତାଙ୍କ ପରିଚୟ ମିଳିପାରି ନାହିଁ ।

ଏନେଇ ରାଇରଙ୍ଗପୁର ଟାଉନ୍ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସେମାନେ ରାଇରଙ୍ଗପୁର ରଥ ମେଳାରୁ ଘରକୁ ଫେରୁଥିବା ବେଳେ ପାଣପୋଷି ଛକ ରୁ ଶିମିଳିନାଳୀ ପୋଲ ନିକଟ ରେ ଏକ ଭାରିଯାନ ଗାଡି ର ପ୍ରଚଣ୍ଡ ଲାଇଟ ର ଆଲୋକ ଓ ପ୍ରବଳ ବର୍ଷା ହେବା ଫଳରେ ଭାରସାମ୍ୟ ହରାଇ ବାଇକ ଚାଳକ ରାସ୍ତା କଡରେ ଥିବା ପଥର କୁ ଧକ୍କା ଦେବା ଫଳରେ ସ୍କୁଟିରୁ ଏଣେ ତେଣେ ଛିଟିକି ପଡିଥିଲେ। ସ୍ଥାନୀୟ ଯୁବକ ମାନେ ଉଦ୍ଧାର କରି ରାଇରଙ୍ଗପୁର ମେଡିକାଲ କୁ ପଠାଇଥିବା ବେଳେ ଘଟଣାସ୍ଥଳ ରେ ଜଣେ ମହିଳା ର ମୃତ୍ୟୁ ଘଟିଯାଇଥିଲା ଓ ସ୍କୁଟି ଚାଳକ ଗୁରୁତର ହେବାରୁ ରାଇରଙ୍ଗପୁର ମେଡିକାଲ ରୁ ଜିଲ୍ଲା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଥିଲା , ସେ ସମୟ ପର୍ଯ୍ୟନ୍ତ ତାଙ୍କ ପରିଚୟ ମିଳିପାରିନଥିଲା। ରାଇରଙ୍ଗପୁର ଟାଉନ ପୋଲିସ ବହୁ ଖୋଜାଖୋଜି କରିବା ପରେ କୌଣସି ଠିକଣା ପାଇପରି ନଥିଲେ । ଘଟଣାସ୍ଥଳ ରେ ଦୂର୍ଘଣାସ୍ଥଳର ସ୍କୁଟି ଗାଡି ନମ୍ବର କୁ ଆଧାରି ଆଜି ୩୦।୭ ରେ ଠିକଣା ମିଳିପାରିଥିଲା। ଘଟଣାର ଘଟଣାଟି ୨୯ ତାରିଖ ରାତିରେ ରେ ଘଟିଥିବା ବେଳେ ଦୁଇ ଜଣ କୁ ଉଦ୍ଧାର କରାଯାଇଥିଲା ହେଲେ ସ୍ୱାମୀ କୁ ପୋଲିସ ପାଇପାରି ନଥିଲା । ନିଖୋଜ ସ୍ୱାମୀକୁ ଆଜି ସକାଳେ ଏକ ଗହଳି ବୁଦା ମଧ୍ୟରୁ ଗୁରୁତର ଉଦ୍ଧାର କରି ରାଇରଙ୍ଗପୁର ମେଡିକାଲ କୁ ଅଣାଯାଇ ଚିକିତ୍ସିତ କରାଯାଉଛି। ଘଟଣା ଅନୁଯାଇ ଘଟଣାସ୍ଥଳରେ ସ୍କୁଟି ଦୂର୍ଘଟଣାରେ ମୃତ୍ୟୁ ଘଟିଥିବା ମହିଳା ଗୀତା ସର୍ଦ୍ଦାର , ସ୍ଥାନାନ୍ତର ପୁତୁରା ସନ୍ତୋଷ ମୁଣ୍ଡା ଓ ସ୍ୱାମୀ ବେଶ୍ରା ମୁଣ୍ଡା ବୋଲି ଜଣାପଡିଛି। କହିବାକୁ ଗଲେ ଗୋଟିଏ ସ୍କୁଟିରେ ସ୍ୱାମୀ ସ୍ତ୍ରୀ ଓ ପୁତୁରା ସବାରୀ ଥିଲେ। ପରିବାର ଲୋକେ କହିବାନୁସାରେ ପ୍ରବଳ ବର୍ଷା ରେ ପୁତୁରାର କକା ଖୁଡି ରାଇରଙ୍ଗପୁର ରଥମେଳାରୁ ଘରକୁ ଯାଇ ପାରିନଥିଲେ। ତେଣୁ ପୁତୁରାକୁ ସେ ରଥ ମେଳାରୁ ନେଇଯିବାକୁ ଫୋନ କରି ଡାକିଥିଲେ କିନ୍ତୁ ଭାଗ୍ୟର ବିଡମ୍ବନା ଯେ ଘରକୁ ଯିବାବାଟରେ ଦୂର୍ଘଟଣା ଘଟିଥିଲା। ପୁତୁରା ଗୁରୁତର ଥିବା ବେଳେ, କକା ନିଖୋଜ, ଖୁଡି ର ମୃତ୍ୟୁ ଘଟିଥିଲା। ଏ ଘଟଣାରେ ଟାଉନ ପୋଲିସ ତଦନ୍ତ ଜାରି ରଖିଛି।

# ଢେଙ୍କାନାଳରେ 'ମେରା ଯୁବା ଭାରତ' ଜିଲ୍ଲା ପରାମର୍ଶଦାତା କମିଟି ବୈଠକ

ଢେଙ୍କାନାଳ, ୩୦।୭ (ଆନିସ): : କେନ୍ଦ୍ର ସରକାରଙ୍କ ମେରା ଯୁବା ଭାରତ କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲା ପରାମର୍ଶଦାତା କମିଟି ର ଏକ ବୈଠକ ଆଜି ଅପରାହ୍ଣ ୪ଟାରେ ଜିଲ୍ଲା କାର୍ଯ୍ୟାଳୟସ୍ଥିତ ସଦ୍ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା।ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ।ଜିଲ୍ଲାରେ ମେରା ଯୁବା ଭାରତ କାର୍ଯ୍ୟକ୍ରମର ସଫଳ ରୂପାୟନ ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଏବଂ ଏହି ପଦକ୍ଷେପର ସର୍ବାଧିକ ସୁଫଳ ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବୈଠକ ଆୟୋଜିତ ହୋଇଥିଲା।

ବୈଠକରେ ଶ୍ରୀ ଶକ୍ତି ସ୍ୱରୂପ ସିଂହ, (ଉପ ନିର୍ଦ୍ଦେଶକ, ମେରା ଯୁବା ଭାରତ) କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଦୃଷ୍ଟିକୋଣ ଓ ବିଭିନ୍ନ ସୁଯୋଗ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ।ଯୁବ ସ୍ୱେଚ୍ଛାସେବା, ଦକ୍ଷତା ବିକାଶ, ନେତୃତ୍ୱ ବିକାଶ, ସାମାଜିକ ଅଂଶଗ୍ରହଣ ଓ ରାଷ୍ଟ୍ର ଗଠନରେ ଯୁବବର୍ଗଙ୍କ ସକ୍ରିୟ ଭୂମିକା ବୃଦ୍ଧି ପାଇଁ ଏହି




ପ୍ଲାଟଫର୍ମର ସୁଯୋଗ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେହିପରି ଢେଙ୍କାନାଳ ଜିଲ୍ଲା କିପରି ଏହି କେନ୍ଦ୍ର ସରକାରଙ୍କ ପଦକ୍ଷେପର ସର୍ବୋତ୍ତମ ଉପଯୋଗ କରିପାରିବ, ସେ ସମ୍ପର୍କରେ ମଧ୍ୟ ସେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।ବୈଠକରେ ଜିଲ୍ଲା ପରାମର୍ଶଦାତା କମିଟିର କାର୍ଯ୍ୟପ୍ରଣାଳୀ, ଜିଲ୍ଲାରେ ମେରା ଯୁବା ଭାରତ କାର୍ଯ୍ୟକ୍ରମର ରୂପାୟନ ପାଇଁ ରୋଡମ୍ୟାପ୍, ବିଭିନ୍ନ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ଏନ୍.ଏସ୍.ଏସ୍., ଏନ୍.ସି.ସି., ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରି ଯୁବକେନ୍ଦ୍ରିକ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବା ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷୀୟ ଅଭିଭାଷଣରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ସେଠୀ ସମସ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଓ ଯୁବବର୍ଗଙ୍କୁ ବିକାଶମୂଳକ ଏବଂ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ କରି ମେରା ଯୁବା ଭାରତ କାର୍ଯ୍ୟକ୍ରମକୁ ଢେଙ୍କାନାଳ ଜିଲ୍ଲାରେ ଏକ ସଫଳ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ।

ମେରା ଯୁବା ଭାରତ ହେଉଛି ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ଏକ ସ୍ୱୟଂଶାସିତ ସଂସ୍ଥା।

# ସପ୍ତାହରେ ତିନି ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଘୁ.ଉଦୟଗିରି : ଅନୁନ୍ନତ କନ୍ଧମାଳ ଜିଲ୍ଲାର ଘୁମୁସର ଉଦୟଗିରିରେ ଗୋଟିଏ ଦିନ ବ୍ୟବଧାନ ପରେ ପୁଣି ଜଣେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଗତ ୧ ସପ୍ତାହ ମଧ୍ୟରେ ତିନିଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ସୂଚନା ଅନୁସାରେ, ରିଶୁଗୁଡ଼ା ଗ୍ରାମର ପୂର୍ବତନ ନାଏବ ସରପଞ୍ଚଙ୍କ ପୁଅ ତରୁଣ ପ୍ରଧାନ (୪୨) କିଛି ମାସ ପୂର୍ବେ ପରିବାରର ଭରଣପୋଷଣ ପାଇଁ କେରଳକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଖବର ପରିବାର ପାଖରେ ପହଞ୍ଚିଛି। ତେବେ ମୃତ୍ୟୁର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସେ ବିବାହିତ ହୋଇଥିବା ବେଳେ ତାଙ୍କର ଦୁଇ ପୁଅ ଅଛନ୍ତି। ଘଟଣାର ଚାରି ଦିନ ବିତିଯାଇଥିବା ବେଳେ ପରିବାରର ଆର୍ଥିକ ଅସୁବିଧା ଯୋଗୁଁ ତାଙ୍କ ମରଶରୀରକୁ ଗାଁକୁ ଆଣିବା ସମ୍ଭବ ହୋଇନଥିଲା। ଫଳରେ କେରଳରେ ହିଁ ତାଙ୍କର ଶବ ସତ୍କାର କରାଯାଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ରତିଙ୍ଗିଆ ପଞ୍ଚାୟତର କଲିନାଜୁ ଗ୍ରାମର ସାଗର ପ୍ରଧାନ (୩୪) ଓ ଦାରିଙ୍ଗବାଡ଼ି ବ୍ଲକର ଗୁମିକିଆ ପଞ୍ଚାୟତ ଅନ୍ତର୍ଗତ କୁନ୍ଦୁପାଙ୍ଗା ଗ୍ରାମର ବିଶୋପ ଦିଗାଲଙ୍କର ମଧ୍ୟ କେରଳରେ ଦାଦନ ଖଟୁଥିବା ସମୟରେ ମୃତ୍ୟୁ ଘଟିଥିଲା। ପରିବାର ପକ୍ଷରୁ ଶବ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଅଧିକ ଅର୍ଥ ଆବଶ୍ୟକ ହେଉଥିବା କାରଣରୁ ଶବ ଆଣିବା ସମ୍ଭବପର ହେଇ ପାରୁନାହିଁ । ବିଭିନ୍ନ ସାମାଜିକ ସଂଗଠନକୁ ଯୋଗାଯୋଗ କରାଯାଇ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ କେତେ ଦୂର ସମ୍ଭବ ତାହା ଶବ ଆସିବା ପରେ ଜଣା ପଡ଼ିବ। ଗୋଟିଏ ସପ୍ତାହ ମଧ୍ୟରେ କନ୍ଧମାଳ ଜିଲ୍ଲାର ତିନିଜଣ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଜିଲ୍ଲାରେ ଗଭୀର ଚିନ୍ତାର ବିଷୟ ପାଲଟିଛି।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda